

୨୦୦୬ରେ କେରଳର କନ୍ନୁରଠାରେ ସିପିଆଇଏମ୍ କର୍ମୀ କେ.ଭି. ୟାକୁବ୍‌ଙ୍କୁ ହତ୍ୟା କରିବା ଅଭିଯୋଗରେ ଅତିରିକ୍ତ ଜିଲା ସେସନ୍ସ କୋର୍ଟ ବିଚାରପତି ଆର୍.ଏଲ୍. ବୈଜୁ ୫ ଜଣ ଭାଜପା ଓ ଆର୍‌ଏସ୍‌ଏସ୍ କର୍ମୀଙ୍କୁ ବୁଧବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ଆର୍‌ଏସ୍‌ଏସ୍‌ର ଜଣେ ବରିଷ୍ଠ ନେତାଙ୍କ ସହ ୯ ଜଣଙ୍କୁ କୋର୍ଟ ନିର୍ଦ୍ଦେଶରେ ଖଲାସ୍ କରିଛନ୍ତି। ୨୩ ସାକ୍ଷୀଙ୍କ ବୟାନ୍ ଓ ଆବଶ୍ୟକ ତଥ୍ୟର ଯାଞ୍ଚ କରାଯିବା ପରେ ଏହି ରାୟ ପ୍ରଦାନ କରାଯାଇଛି।

# ଭୋଟ ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**ଆଜି ପ୍ରକାଶ ପାଇବ ନିର୍ବାଚନ ଫଳ**

- ୨୮୬ ପ୍ଲାଟୁନ୍ ଫୋର୍ସ ମୁତୟନ
- ବିଜୟୀ ପ୍ରାର୍ଥୀଙ୍କ ଶୋଭାଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
- ଷ୍ଟ୍ରଙ୍ଗ୍‌ରୁମ୍‌ର ସୁରକ୍ଷା ଦାୟିତ୍ୱରେ ସିଏପିଏଫ୍ ଯବାନ

କଟକ ଅଫିସ୍,୨୨।୫

ରାଜ୍ୟ ସମେତ ସାରା ଦେଶରେ ନିର୍ବାଚନ ଫଳ ଗୁରୁବାର ପ୍ରକାଶ ପାଇବ। ଓଡ଼ିଶାର ୬୩ଟି କେନ୍ଦ୍ରରେ ଗୁରୁବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଏଥିପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ପୋଲିସ ଅଫିସର ଓ କର୍ମଚାରୀଙ୍କୁ ଛାଡି ମୋଟ୍ ଉପରେ ୨୮୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଭୋଟ ଗଣତି କେନ୍ଦ୍ରଗୁଡିକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଥମ ସ୍ତର ତଥା ଇଭିଏମ୍ ଥିବା ଷ୍ଟ୍ରଙ୍ଗ ରୁମ୍‌ର ସୁରକ୍ଷା ଦାୟିତ୍ୱରେ ୩୬ କମ୍ପାନୀ ସେଣ୍ଟ୍ରାଲ ଆର୍ମ୍ଡ ପୋଲିସ ଫୋର୍ସ(ସିଏପିଏଫ୍)କୁ ନିୟୋଜିତ କରାଯାଇଛି। ଦ୍ୱିତୀୟ ସ୍ତର ତଥା ଭୋଟ ଗଣତି କେନ୍ଦ୍ରରେ ୨୫୦ ପ୍ଲାଟୁନ୍ ସ୍ପେଶାଲ ଆର୍ମ୍ଡ ପୋଲିସ(ଏସ୍ଏପି) ମୁତୟନ କରାଯାଇଛି। ତୃତୀୟ ସ୍ତର ତଥା ଭୋଟ ଗଣତି ସ୍ଥାନର ସୁରକ୍ଷା ଦାୟିତ୍ୱ ଜିଲା ପୋଲିସକୁ ଦିଆଯାଇଛି। ଏ ନେଇ ଗୁରୁବାର ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭୋଟ ଗଣତି କେନ୍ଦ୍ରର ଭିତର ଏବଂ ବାହାରେ ସମ୍ପୂର୍ଣ୍ଣ ଭାବେ ସିସିଟିଭି ଲଗାଇଯାଇଛି। ଏହି ସିସିଟିଭିର ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ଅଫିସରମାନଙ୍କୁ ନିଯୁକ୍ତ କରାଯାଇଛି। ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମକୁ ଲାଗି କଣ୍ଟ୍ରୋଲ ରୁମ ମଧ୍ୟ କରାଯାଇଛି। ଜଣେ ଡେପୁଟି ଏସ୍‌ପିଙ୍କୁ ଗୋଟିଏ ଲେଖାଏ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ଦାୟିତ୍ୱ ଦିଆଯାଇଥିବା ବେଳେ ତାଙ୍କ ସହ ଦକ୍ଷ ଅଫିସରମାନଙ୍କୁ ଶିଫ୍ଟ କ୍ରମେ ନିଯୁକ୍ତ କରାଯାଇଛି। ତେବେ ଷ୍ଟ୍ରଙ୍ଗରୁମ୍ ଭିତରକୁ ଯିବା ଆସିବା ପାଇଁ ଥିବା ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ଭିଡିଓ ରେକର୍ଡିଂର ବ୍ୟବସ୍ଥା କରାଯାଇଛି। ଷ୍ଟ୍ରଙ୍ଗ ରୁମ ପରିସରରେ ଅଜଣା ବ୍ୟକ୍ତିଙ୍କ ଉପରେ ନଜର ରଖିବାକୁ କୁହାଯାଇଛି। ଜିଲା ଏସ୍‌ପିମାନଙ୍କୁ କିଛି ସମୟ ବ୍ୟବଧାନରେ ଷ୍ଟ୍ରଙ୍ଗରୁମଗୁଡିକର ଯାଞ୍ଚ କରିବାକୁ କୁହାଯାଇଛି।

ସେହିପରି ଭୋଟ ଗଣତି କେନ୍ଦ୍ରଗୁଡିକରେ ଦକ୍ଷ ମହିଳା ଓ ପୁରୁଷ ପୋଲିସ ଅଫିସରମାନଙ୍କୁ ନିଯୁକ୍ତ କରାଯାଇଛି। ବିଶେଷକରି ସେମାନେ ପ୍ରବେଶ ପଥଗୁଡିକରେ ଯାଞ୍ଚ ଦାୟିତ୍ୱରେ ରହିବେ। ଯାଞ୍ଚ ପାଇଁ ପ୍ରବେଶ ପଥରେ ଡିଏଫ୍ଏମ୍‌ଡି, ଏଚ୍ଏଚ୍ଏମ୍‌ଡି ମେଶିନ ସହିତ ଅନ୍ୟାନ୍ୟ ଯାଞ୍ଚ ମେଶିନ୍ ମଧ୍ୟ ଲଗାଯାଇଛି। ସିଇଓ, ଡିଇଓ, ଆରଓଙ୍କ ଅନୁମତିପତ୍ର ବିନା କୌଣସି ବ୍ୟକ୍ତିଙ୍କୁ ଭିତରକୁ ନ ଛାଡିବାକୁ ମନା କରାଯାଇଛି। ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଯାଞ୍ଚ ବ୍ୟବସ୍ଥା କରାଯାଇଥିବାବେଳେ ଭିତରକୁ ଯାଉଥିବା ସମସ୍ତ ବ୍ୟକ୍ତିଙ୍କୁ କଡାକଡି ଭାବେ ଯାଞ୍ଚ କରିବାକୁ କୁହାଯାଇଛି। ଜିଲା ନିର୍ବାଚନ ଅଧିକାରୀ(ଡିଇଓ)ଙ୍କ ସ୍ୱୀକୃତି ବିନା କୌଣସି ଅଫିସର ଅବା ବ୍ୟକ୍ତିଙ୍କୁ ମୋବାଇଲ ସହିତ ଭିତରକୁ ଛାଡିବାକୁ ମନା କରାଯାଇଛି। ଦିଆସିଲି, ସିଗାରେଟ୍, ଗୁଟ୍‌ଖା, ଲାଇଟର, ଗୁପ୍ତ କ୍ୟାମେରା, ଚଷମା, ବୋତାମ କ୍ୟାମେରା, ସ୍ମାଟଘଣ୍ଟା, ହାତ ବ୍ୟାଗ୍ ଆଦି ଭିତରକୁ ନ ଛାଡିବାକୁ କଡା ନିର୍ଦ୍ଦେଶ ରହିଛି।

ଭୋଟ ଗଣତି କେନ୍ଦ୍ର ବାହାରେ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗଣତି ସମ୍ପର୍କରେ ଲୋକମାନଙ୍କ ସୂଚନା ପାଇଁ ସ୍ୱତନ୍ତ୍ର ବୋର୍ଡର ବ୍ୟବସ୍ଥା କରାଯାଇଛି। ଏଥିସହିତ ବିଜୟୀ ପ୍ରାର୍ଥୀମାନଙ୍କ ଶୋଭାଯାତ୍ରା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗଣତି କେନ୍ଦ୍ର ତଥା ଏହାର ଆଖପାଖ ଅଞ୍ଚଳରେ ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ପାଟ୍ରୋଲିଂ କଡାକଡି କରିବାକୁ କୁହାଯାଇଛି।

‘ଗେଲ୍ ଉତ୍କର୍ଷ’କୁ ଶତ ପ୍ରତିଶତ ସଫଳତା

# ଜେଇଇ ମେନ୍‌ରେ ସଫଳ ହେଲେ ସମସ୍ତ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ଗେଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ଫ୍ଲାଗ୍‌ସିପ୍ କର୍ପୋରେଟ୍ ସୋସିଆଲ ରେସ୍‌ପନ୍ସିବିଲିଟି(ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ କାନପୁର ସେଣ୍ଟରଠାରେ ଜେଇଇ ମେନ୍ ୨୦୧୯ ପରୀକ୍ଷା ପାଇଁ କୋଚିଂ ନେଉଥିବା ସମସ୍ତ ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆର୍ଥିକ ସ୍ତରରେ ପଛୁଆବର୍ଗ ପିଲାମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ଗେଲ୍ ପକ୍ଷରୁ ‘ଗେଲ୍ ଉତ୍କର୍ଷ’ ନାମକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥାଏ। ଚଳିତବର୍ଷ ଏଥିରେ ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ଜେଇଇ ମେନ୍ ପାଇଁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ପ୍ରଥମଥର ପାଇଁ ସମସ୍ତ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା କ୍ଲିୟର କରିଛନ୍ତି, ଯାହା ମଧ୍ୟରେ ୧୪ଜଣ ଝିଅ ରହିଛନ୍ତି। ଗତବର୍ଷ ୧୦୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୯ଜଣ ଜେଇଇ ମେନ୍ କ୍ଲିୟର୍ କରିଥିଲେ। ଅନ୍ୟପକ୍ଷରେ ଉତ୍ତରାଖଣ୍ଡରେ ପ୍ରତିଷ୍ଠା ହୋଇଥିବା ନୂଆ ସେଣ୍ଟରରେ ଚଳିତବର୍ଷ ୬୦ ଛାତ୍ରୀଛାତ୍ର ଜେଇଇ ମେନ୍ ପାଇଁ ପ୍ରଶିକ୍ଷଣ ନେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୫୦ଜଣ ସଫଳତା ପାଇଛନ୍ତି। ଏ ନେଇ ଗେଲ୍ ନିର୍ଦ୍ଦେଶକ(ଏଚ୍‌ଆର୍) ପି.କେ. ଗୁପ୍ତା ବୁଧବାର ସୂଚନା ଦେଇଛନ୍ତି। ଏହି ଅବସରରେ ସଫଳତା ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଗେଲ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗେଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍, ସିଏସ୍‌ଆର୍) ପ୍ରାସୁନ୍ କୁମାର, ଗେଲ୍‌ର ଚିଫ୍ ଜେନେରାଲ ମ୍ୟାନେଜର (ସିଏସ୍‌ଆର୍) ଅନୁପ ଗୁପ୍ତା, ସିଏସ୍‌ଆର୍‌ଏଲ୍ ଡାଇରେକ୍ଟର ଏସ୍.କେ. ସାହି ପ୍ରମୁଖ ଉପସ୍ଥିତ ଥିଲେ।

ଗେଲ୍ ଉତ୍କର୍ଷ ଚଳିତବର୍ଷ ଏହାର ଦଶମ ବ୍ୟାଚ୍‌କୁ ରେସିଡେନ୍ସିଆଲ କୋଚିଂ ଯୋଗାଇଦେଇଥିବା ବେଳେ ଏକବର୍ଷ ପାଇଁ ଛାତ୍ରୀଛାତ୍ରଙ୍କୁ ମାଗଣା କୋଚିଂ ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଇଥିଲା। ସିଏସ୍‌ଆର୍‌ଏଲ୍ ସହ ମିଳିତ ଭାବେ ଗେଲ୍ ୨୦୦୯-୧୦ ଶିକ୍ଷାବର୍ଷରୁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରିଆସୁଛି। ପ୍ରଥମେ କାନପୁରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏବେ ଦ୍ୱାରହାଟ, ଶ୍ରୀନଗର ଓ ଉତ୍ତରାଖଣ୍ଡରେ ମଧ୍ୟ ଅନୁଷ୍ଠିତ ହେଉଛି। ୨୦୦୯ରେ ମାତ୍ର ୨୩ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଇତିମଧ୍ୟରେ ୬୮୩ଜଣ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସଜାଡ଼ିଛି। ୮୯% ସଫଳତା ସହ ପିଲାମାନେ ଆଇଆଇଟି, ଏନ୍‌ଆଇଟି ଭଳି ଶିକ୍ଷାନୁଷ୍ଠାନରେ ଶିକ୍ଷାଗ୍ରହଣ କରିବାର ସୁଯୋଗ ପାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ବିଭିନ୍ନ ସଂସ୍ଥା ପକ୍ଷରୁ ବାତ୍ୟା ସହାୟତା ପ୍ରଦାନ

**ଭୁବନେଶ୍ୱର,୨୨।୫(ବ୍ୟୁରୋ):** ବାତ୍ୟା ଫନୀ ପ୍ରଭାବିତ ଜିଲାର ପୁନରୁଦ୍ଧାର ଏବଂ ପୁନଃନିର୍ମାଣ କାର୍ଯ୍ୟରେ ନିଜର ସହଯୋଗ ସ୍ୱରୂପ ବିଭିନ୍ନ ବୃତ୍ତିଗତ ସଂଘ, କମ୍ପାନୀ ଏବଂ ନିଗମଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ ଦେବା ପାଇଁ ଆଗେଇ ଆସିଛନ୍ତି । ବୁଧବାର ୭ଟି ସଂସ୍ଥା ଏବଂ ସଂଘର ପ୍ରତିନିଧିମାନେ ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଭେଟି ଚେକ୍ ଓ ଡ୍ରାଫ୍ଟ ପ୍ରଦାନ କରିଛନ୍ତି । ଓଡ଼ିଶା ପୋଲିସ୍ ରିଲିଫ୍ ଏବଂ ୱେଲ୍‌ଫେୟାର ଆସୋସିଏଶନ୍ ତରଫରୁ ପୋଲିସ୍ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ୧ କୋଟି ୬୧ ଲକ୍ଷ ୬୧ ହଜାର ୪୧୨ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ସେହିପରି ଜାତୀୟ ପ୍ରାଣୀ ସମ୍ପଦ ଉନ୍ନୟନ ପରିଷଦର ଲୋକ ସମ୍ପର୍କ ଏବଂ ଯୋଗାଯୋଗ ମୁଖ୍ୟ ଅଭିଜିତ ଚାଟାର୍ଜୀ ପରିଷଦ ତରଫରୁ ୭ ଲକ୍ଷ ୯୨ ହଜାର ୧୭୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ବାଙ୍ଗାଲୋରର କଳିଙ୍ଗ ଆଇ.ଟି. ୟୁଥ୍ ଆସୋସିଏଶନ୍ ୧ ଲକ୍ଷ, କଳିଙ୍ଗ ମାଇନିଂ କର୍ପୋରେଶନ ପ୍ରାଇଭେଟ୍ ଲିଃ କଟକ ୩୦ ଲକ୍ଷ, ଗୋଲଡେନ୍ ଫୋର୍ଟି ଫାଉଣ୍ଡେଶନ୍ ଟ୍ରଷ୍ଟ ୬୦ ହଜାର ଏବଂ ଓଡ଼ିଶା ଏଗ୍ରିକଲ୍‌ଚର ସର୍ଭିସେସ୍ ଆସୋସିଏଶନ୍ ୩ ଲକ୍ଷ ଟଙ୍କାର ଚେକ୍ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଛନ୍ତି । ପ୍ରତିଦିନ ରାଜ୍ୟ ସଚିବାଳୟଠାରେ ପୂର୍ବାହ୍ନ ୧୨ ଟାରୁ ୧୨.୩୦ ମିନିଟ୍ ଏବଂ ଅପରାହ୍ନ ୫ ଟାରୁ ୫.୩୦ ମିନିଟ୍ ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଆସୁଥିବା ଦାନ ଗ୍ରହଣ କରୁଛନ୍ତି । ରାଜ୍ୟ ସଚିବାଳୟ ରିସେପ୍‌ସନ୍ କାଉଣ୍ଟର ପାଖରେ ମଧ୍ୟ ଡ୍ରପ୍ ବକ୍ସ ବ୍ୟବସ୍ଥା କରାଯାଇଛି। ସମୟ ଅଭାବ ଥିବା ବ୍ୟକ୍ତି ଓ ସଂସ୍ଥାଗୁଡିକ ଡ୍ରପ୍ ବକ୍ସରେ ନିଜର ଚେକ୍ ବା ନଗଦ ଅର୍ଥ ଠିକଣା ସହ ପକାଇ ପାରିବେ । ଦାନ ପାଇଁ ଚେକ୍ ବା ଡ୍ରାଫ୍ଟ ଓଡ଼ିଶା ଚିଫ୍ ମିନିଷ୍ଟରସ୍ ରିଲିଫ୍ ଫଣ୍ଡ ନାମରେ ହେବା ଦରକାର ବୋଲି ସୂଚନା ଦିଆଯାଇଛି।

# ନବୀନଙ୍କ ସହ ଶରଦଙ୍କ ଆଲୋଚନା

- ଅଣଭାଜପା ବିରୋଧୀ ମେଣ୍ଟ
- ସ୍ଥିତି ଦେଖି ବିଜେଡି ନେବ ନିଷ୍ପତ୍ତି

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ସାଧାରଣ ନିର୍ବାଚନ ଫଳ ଗୁରୁବାର ଆସିବ। କେନ୍ଦ୍ରରେ ଏନ୍‌ଡିଏ ବହୁମତ ପାଇ ସରକାର ଗଢ଼ିବ ବୋଲି ଅନେକ ଏକଜିଟ୍ ପୋଲ ମତ ଦେଇଛନ୍ତି। ହେଲେ ବିରୋଧୀ ଆଶା ଛାଡ଼ିନାହାନ୍ତି। ଅଣଭାଜପା ଦଳଗୁଡିକୁ ଏକାଠି କରିବା ପାଇଁ କସରତ ଆରମ୍ଭ କରିଛନ୍ତି। ସେହିକ୍ରମରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଦେଶର ୩ ପ୍ରମୁଖ ଆଞ୍ଚଳିକ ଦଳର ମୁଖ୍ୟମାନଙ୍କ ସହ ଫୋନ୍‌ରେ ଆଲୋଚନା କରିଥିବା ଜଣାପଡିଛି। ଏନ୍‌ଡିଏକୁ ବହୁମତ ନ ମିଳିଲେ ସରକାର ଗଢ଼ିବା ପାଇଁ ବିଜେଡି, ଟିଆରଏସ୍ ଏବଂ ୱାଇଏସ୍‌ଆର କଂଗ୍ରେସ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି। ତେଣୁ ଏହି ୩ ସମ୍ଭାବ୍ୟ କିଙ୍ଗ୍ ମେକରଙ୍କୁ ବିରୋଧୀଙ୍କ ଆଡ଼କୁ ନେବା ପାଇଁ ପାୱାର ଉଦ୍ୟମ କରିଛନ୍ତି।

ଅଣଭାଜପା ବିରୋଧୀ ମେଣ୍ଟ ପାଇଁ ଶରଦ ପାୱାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥା ହୋଇଥିବା ଜଣାପଡିଛି। ଯଦି ବିରୋଧୀ ଦଳ ସରକାର ଗଢ଼ିବା ପାଇଁ ଆବଶ୍ୟକ ସଂଖ୍ୟା ବିଜେଡି ସମେତ ଟିଆରଏସ୍ ଏବଂ ୱାଇଏସ୍‌ଆର କଂଗ୍ରେସର ରୁହେ, ତେବେ ଏହି ୩ ଦଳ ସକାରାତ୍ମକ ନିଷ୍ପତ୍ତି ନେଇପାରନ୍ତି ବୋଲି ପାୱାର ଆଶାବାଦୀ ଅଛନ୍ତି। ପାୱାର ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ୱାଇଏସ୍‌ଆର କଂଗ୍ରେସ ମୁଖ୍ୟ ଜଗନମୋହନ ରେଡ୍ଡୀଙ୍କ ସହ ମଧ୍ୟ ଏନେଇ କଥା ହୋଇଥିବା ଜଣାପଡିଛି। ପାୱାର ପୂର୍ବରୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ଏବଂ ଅଖିଳେଶ ଯାଦବଙ୍କୁ ଭେଟି ଅଣଭାଜପା ମେଣ୍ଟ ପାଇଁ ଆଲୋଚନା କରିଛନ୍ତି। ବିରୋଧୀ ଦଳଗୁଡିକୁ ଏକଜୁଟ୍ କରିବା ପାଇଁ ପାୱାର ପୂର୍ବ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ, ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଗୁରୁବାର ଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକୁ ନେଇ ହେବାକୁ ଥିବା ବୈଠକରେ ଉପରୋକ୍ତ ସମସ୍ତ ପ୍ରମୁଖ ନେତା ଉପସ୍ଥିତ ହେବେ। ହେଲେ ଏହି ବୈଠକରେ ବିଜେଡି, ଟିଆରଏସ୍ ଏବଂ ୱାଇଏସ୍‌ଆର କଂଗ୍ରେସ ସାମିଲ ହେବେ ନାହିଁ ବୋଲି ସୂତ୍ରରୁ ପ୍ରକାଶ।

# ଦୁଇ ପାପୁଲି, ଗୋଡ଼ ଆଙ୍ଗୁଠି କାଟିଦେଲେ

- ୪ ବର୍ଷ ତଳର ଖମାର ଡବଲ ମର୍ଡର ଘଟଣାର ପ୍ରତିଶୋଧ
- ଆକ୍ରମଣରେ ଶିକାର ବ୍ୟକ୍ତି ନିକଟରେ ଜେଲରୁ ଫେରିଥିଲେ

କନ୍ଧମାଳ,୨୨।୫(ଡି.ଏନ୍.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଖମାର ଗାଁରେ ବୁଧବାର ଏକ ଅମାନୁଷିକ ଘଟଣା ଘଟିଛି। ୪ ବର୍ଷ ତଳ ଏକ ଡବଲ ମର୍ଡର ଘଟଣାର ପ୍ରତିଶୋଧ ନେବାକୁ ଯାଇ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ସୁରେନ୍ଦ୍ର କ୍ଷେତି (୫୪)। ସୁରେନ୍ଦ୍ରଙ୍କ ଦୁଇ ହାତର ପାପୁଲି ଓ ଗୋଡ ଆଙ୍ଗୁଠିକୁ ସ୍ପଷ୍ଟ ଦିବାଲୋକରେ କାଟି ଦେଇ ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି।

ପୋଲିସର ସୂଚନା ଅନୁସାରେ, ପଲସାଗୋରା ନିକଟ ପଧାନପାଲିରୁ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ସୁରେନ୍ଦ୍ରତାଙ୍କ ଝିଅକୁ ଧରି ଖମାର ଗାଁ ଯାଉଥିଲେ। ହେଲେ ଗୋହିରାପାଲି ନାଳ ପାଖ ନିଛାଟିଆ ସ୍ଥାନରେ ପୂର୍ବରୁ ଜଗି ରହିଥିବା ୬ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଦଉଡିରେ ବାନ୍ଧି ଦେଇଥିଲେ। ଝିଅ ସେଠାରୁ ଖସି ପଳାଇ ପାଖ ଗାଁ ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ। ଗାଁ ଲୋକେ ସେଠାରେ ପହଞ୍ଚିଲା ବେଳକୁ ସୁରେନ୍ଦ୍ରଙ୍କ ହାତର ପାପୁଲି ଓ ଗୋଡ ଆଙ୍ଗୁଠି କାଟି ଦେଇ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ତୁରନ୍ତ ସୋନପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲା। ତାଙ୍କ ଅବସ୍ଥା ଏବେ ଗୁରୁତର ରହିଛି। ଏ ନେଇ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ୨୦୧୫ ଫେବୃୟାରୀ ୨୨ତାରିଖରେ ଡିଗେରପଦର ଜଙ୍ଗଲରେ ଖମାର ଗାଁର ଲକ୍ଷ୍ମଣ ଖମାରୀ ଓ ସୁଦର୍ଶନ କ୍ଷେତିଙ୍କୁ ଜମିଜମା ଗଣ୍ଡଗୋଳକୁ କେନ୍ଦ୍ର କରି ହତ୍ୟା କରା ଯାଇଥିଲା। ପୋଲିସ ଏହି ହତ୍ୟାକାଣ୍ଡର ତଦନ୍ତ କରି ଦୁଇ ଅଭିଯୁକ୍ତ ଖମାର ଗାଁର ସୁରେନ୍ଦ୍ର କ୍ଷେତି(୫୪) ଓ ତ୍ରିନାଥ ଭୋଇ (୪୪)ଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଆଇପିସିର ଦଫା ୩୦୨/୨୦୧, ୩୪ରେ କଣ୍ଟାମାଳ ଥାନାରେ ଏକ ମାମଲା (ନଂ.୧୮/୧୫) ରୁଜୁ ହୋଇଥିଲା। ଉକ୍ତ ମାମଲାରେ ସୁରେନ୍ଦ୍ର ଓ ତ୍ରିନାଥ କୋର୍ଟ ଚାଲାଣ ହୋଇଥିଲେ। ପରେ ଏହି ଘଟଣାରେ ନିରଞ୍ଜନ ପଧାନ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ବଲାଙ୍ଗୀର ରେଳ ଷ୍ଟେଶନ୍‌ରୁ ଗିରଫ କରିଥିଲା । ଡବଲ ମର୍ଡର ଘଟଣାର ୪ବର୍ଷ ପରେ ଅଭିଯୁକ୍ତ ସୁରେନ୍ଦ୍ର ଗତ କିଛି ଦିନ ହେଲା ଜେଲରୁ ଫେରିଥିଲେ। ଜେଲରୁ ଫେରିବା ପରେ ସେ ନିଜ ଶ୍ୱଶୁର ଘର ଗାଁ ପଧାନପାଲିରେ ରହୁଥିଲେ। ସୂଚନାଯୋଗ୍ୟ, ସୁରେନ୍ଦ୍ରଙ୍କୁ ଯେଉଁ ୬ ଜଣ ଆକ୍ରମଣ କରିଛନ୍ତି ସେମାନଙ୍କ ମଧ୍ୟରେ ଡବଲ ମର୍ଡରର ଶିକାର ହୋଇଥିବା ଲକ୍ଷ୍ମଣ ଖମାରୀଙ୍କ ୪ ପୁଅ ଅଛନ୍ତି। ଏଣୁ ପ୍ରତିଶୋଧ ନେବାକୁ ଯାଇ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଛି ବୋଲି ପୋଲିସ ସୂଚନା ଦେଇଛି।



ଆହତ ସୁରେନ୍ଦ୍ର କ୍ଷେତି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦମ୍ପତି ମୃତ



ଗ୍ରାମବାସୀଙ୍କ ଗହଣରେ ମୃତ ଦମ୍ପତିଙ୍କ ଝିଅ-ପୁଅ ।

**ଆମ୍ବ ତୋଳିବା କାଳ ହେଲା**

ଫିରିଙ୍ଗିଆ, ୨୨।୫

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତ ସାଣ୍ଡରମୁଣ୍ଡା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାପାର୍ଶ୍ୱ ଗଛରୁ ଆମ୍ବ ତୋଳିବା ବେଳେ ଅସାବଧାନତାରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦଶରଥ ଭୁକ୍ତା(୫୦) ଓ ସ୍ତ୍ରୀ ସରୋଜିନୀ(୪୨)। ଗ୍ରାମବାସୀଙ୍କଠାରୁ ଏହି ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଦମ୍ପତିଙ୍କ ମୃତ୍ୟୁ ପରେ ଝିଅ, ପୁଅ ଅନାଥ ହୋଇଯାଇଛନ୍ତି। ସେମାନଙ୍କୁ ବାଲିଗୁଡ଼ାସ୍ଥିତ ବନବାସୀ ସେବା କେନ୍ଦ୍ରରେ ଥଇଥାନ କରାଯିବାକୁ ନିଷ୍ପତ୍ତି ହୋଇଛି।

ସାଣ୍ଡରମୁଣ୍ଡା ଗ୍ରାମର ଦଶରଥ ଅତ୍ୟନ୍ତ ଗରିବ । ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ଏଥିସହ ଋତୁ ଅନୁଯାୟୀ ସ୍ତ୍ରୀ ସରୋଜିନୀଙ୍କ ସହ ମିଶି ଫଳମୂଳ ସଂଗ୍ରହ କରି ବଜାରରେ ବିକ୍ରି କରନ୍ତି। ଏବେ ଆମ୍ବ ପାଚିବା ସମୟ। ରାସ୍ତା ପାର୍ଶ୍ୱ ଗଛରୁ ଆମ୍ବ ତୋଳିବା ପାଇଁ ବୁଧବାର ସକାଳେ ଦମ୍ପତି ଏକ ବାଉଁଶ ନେଇ ଘରୁ ବାହାରିଥିଲେ। ଶୁଖି ନ ଥିବା ଉକ୍ତ ବାଉଁଶ ଉପର ଭାଗରେ ଲୁହାର ଏକ ଆଙ୍କୁଡ଼ି ଲଗାଯାଇଥିଲା । ଘରଠାରୁ କିଛି ଦୂରରେ ଥିବା ଗଛରେ ଆଙ୍କୁଡ଼ି ଲଗାଇ ସରୋଜିନୀ ଆମ୍ବ ତୋଳୁଥିବା ବେଳେ ଉପରେ ଯାଇଥିବା ୩୩ କେଭି ତାର ସଂସ୍ପର୍ଶରେ ଆସି ଯାଇଥିଲେ । ଏହାଦେଖି ଦଶରଥ ତାଙ୍କୁ ବଞ୍ଚାଇବାକୁ ଯାଇଥିବା ବେଳେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହା ଦେଖି ଫିରିଙ୍ଗିଆ ଥାନା ପୋଲିସକୁ ଖବର ଦେଇଥିଲେ। ମୃତ ଦମ୍ପତିଙ୍କ ପୁଅ ଶ୍ରବଣ (୧୩) ଅଷ୍ଟମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ଝିଅ ରୁନି(୧୫) ମାନସିକ ବିକାରଗ୍ରସ୍ତ। ପରିବାରରେ ଆଉ କେହି ନ ଥିବାରୁ ସେମାନଙ୍କୁ ବନବାସୀ ସେବା କେନ୍ଦ୍ରରେ ରଖିବା ନିମନ୍ତେ ଗ୍ରାମବାସୀ, ପୋଲିସ ଏବଂ ଚାଇଲ୍ଡ ଲାଇନ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଛି।

**ମନେ ପଡ଼ନ୍ତି**

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କଳ୍ପନା କୁମାରୀ ଦାଶ
Dash Glass Company MKD Associates, Police line, VIP Road
ଆବିର୍ଭାବ: ୨୮।୦୭।୧୯୫୦
ତିରୋଧାନ: ୧୫।୦୫।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ
Contact: 9438180180, 9861080180
ଧ-୬୩୭୭୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ
ଦିଘ୍, ତାଳଚେର
ପୂର୍ବତନ ଶିକ୍ଷାବିତ୍ ତଥା ସରକାରୀ ଅଧିକାରୀ
ଆବିର୍ଭାବ: ୧୦।୧୧।୧୯୩୭
ତିରୋଧାନ: ୦୪।୦୫।୨୦୧୮
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ତଥା କର୍ତ୍ତବ୍ୟ ପରାୟଣତା ଏବଂ ସର୍ବୋପରି ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ପାଥେୟକରି ଆମ୍ଭେମାନେ ଜୀବନରେ ଆଗେଇଚାଲୁ ଏତିକି ଆଶୀର୍ବାଦ କରୁଥାଅ। ତୁମର ଅମର ଆତ୍ମା ଚିର ଶାନ୍ତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର-ଜ୍ଞାନ, ଭୂପେନ, ପୃଥ୍ୱିରାଜ, ପୁତ୍ରବଧୂ- ସୁମିତ୍ରା, ସୁନିତା, କନ୍ୟା- ସନ୍ଧ୍ୟା, ଶୋଭା, ଜ୍ୱାଇଁ- ସୁରେନ୍ଦ୍ର, ମନୋଜ ଓ ନାତି, ନାତୁଣୀ- ମଣ୍ଟୁ, ସୋମ, ମୁମୁ ସାନ, ସିଦ୍ଧି, ସୃଷ୍ଟି ଓ ପରିବାରବର୍ଗ।
ଧ-୧୨୬୧୦

୩୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ହରିଚନ୍ଦନ
ନୟାପଲ୍ଲୀ, ଗଡ଼ସାହି
ତିରୋଧାନ: ଜ୍ୟେଷ୍ଠ କୃଷ୍ଣପକ୍ଷ ପଞ୍ଚମୀ ତିଥି
ତୁମର ସ୍ୱଚ୍ଛ ଆନ୍ତରିକତା ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା ଆମକୁ ଅନୁପ୍ରାଣିତ କରୁଥାଉ। ଆମେ ପରମବ୍ରହ୍ମଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ- ରଘୁନାଥ, ଆରତୀ, ନାତୁଣୀ-ଲକି, ଲିକି ଓ ପରିବାରବର୍ଗ
ଧ-୧୨୫୮୩

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



Arshita Priyadarshini
(Payal)
ଆଜି ତୋର ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା କରୁଛୁ, ସେ ତୋତେ ସହାୟ ହୁଅନ୍ତୁ ଏବଂ ସଦାସର୍ବଦା ତୋ ସହ ଥାଆନ୍ତୁ।
ଶୁଭେଚ୍ଛା ସହ
ବାବା, ମାମା, ଜେଜେ, ଜେଜେମା, ପିଇସୀ ମାମା, ପିଇସା, ପୁର୍ବି ଦିଦି, ଅଜା, ଆଇ, ମାମୁ, ମାଇଁ, ମାଉସୀ ଏବଂ ପରିବାର ବର୍ଗ
ଧ-୧୨୫୪୩

ପ୍ରଥମ ବର୍ଷର ଜନ୍ମଦିନର ଅଭିନନ୍ଦନ



(ବାପୁନ୍)
ଅଂଶୁମାନ କୁମାର
ସତ୍ୟନଗର, ଭୁବନେଶ୍ୱର
ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ତାର ଚଲାପଥରେ ପୁଷ୍ପବୃଷ୍ଟି ହେବା ସଙ୍ଗେ ସଙ୍ଗେ ତାକୁ ଦୀର୍ଘାୟୁ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ପାଇଁ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଠାକୁର ଆଇ, ଆଇ, ଅଜା, ବଡ଼ମାମୁ, ସାନମାମୁ
ଧ-୧୨୬୦୫

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇ-ଟେଣ୍ଡର ବିଜ୍ଞପ୍ତି**
ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଡି-ଆର୍-୨୦୧୯-ଇ୩ ତାରିଖ: ୧୪।୦୫।୨୦୧୯, କାର୍ଯ୍ୟର ନାମ: "ଇଞ୍ଜିନିୟରିଂ ଟିଏସ୍‌ଆର୍, ସିଟିଆର୍, ଟିଆର୍‌ଆର୍ ଏବଂ ଟିଟିଆର୍ କାର୍ଯ୍ୟ ସଂକ୍ରାନ୍ତରେ ବିଲାସପୁରରୁ ଦୁର୍ଗ, ଦୁର୍ଗ-ଏମ୍‌ଏକ୍ସଏ ମଧ୍ୟରେ ଏବଂ ଏହା ସମେତ ରାୟପୁର ଡିଭିଜନର ସମସ୍ତ ୟାର୍ଡରେ ହଜିଥିବା/କଳଙ୍କିଯୁକ୍ତ/କ୍ଷତିଗ୍ରସ୍ତ ବଣ୍ଡର ବ୍ୟବସ୍ଥା/ବଦଳ"। ଟେଣ୍ଡର ମୂଲ୍ୟ: ₹୪୮,୮୭,୫୫୯/-। ଇଏମ୍‌ଡି: ₹୯୭,୮୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୩,୦୦୦/-। ସମାପ୍ତି ଅବଧି: ୬ ମାସ। ବିଡରମାନେ କେବଳ ତା୧୪।୦୬।୨୦୧୯ରିଖ ୧୨.୦୦ ଘଣ୍ଟିକା ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡରଗୁଡିକ ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫର୍‌ଗୁଡ଼ିକୁ ନାକଚ କରିଦିଆଯିବ । ବିବରଣୀ ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି) ଏସ୍‌ଇସିଆର୍/ରାୟପୁର
PR/R/SR.DEE(TRD)/PM/24
ସ୍ୱଚ୍ଛ ଭାରତ ଅଭିଯାନ

**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-RT-130ER, ତା: 15.05.2019
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଡୁମରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (ନୂଆ = 02 ଗୋଟି, ବୃଦ୍ଧିକରଣ=01 ଗୋଟି), ସେକ୍ସନିଙ୍ଗ୍ ପୋଷ୍ଟ (ବୃଦ୍ଧିକରଣ=01 ଗୋଟି) ର ଡିଜାଇନ୍ (Design), ଯୋଗାଣ, ଉତ୍ଥାନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ସମ୍ପର୍କିତ PSI କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 313.21 ଲକ୍ଷ, EMD (ଟଙ୍କାରେ) :₹ 3,06,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ)ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.27.06.2019 ରିଖ 1200 ଘଣ୍ଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ବିଶାଖାପାଟଣା
PR-22/CC/19-20

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONHQBBS2019022, ତା: 16.05.2019
କାର୍ଯ୍ୟର ନାମ : ତାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍ ପ୍ରକଳ୍ପ : (i)ସିଏଚ୍. 28940m-29500m ମଧ୍ୟରେ ଛୋଟ ପୋଲ, ମାଟି କାର୍ଯ୍ୟ ସମ୍ପାଦନ ଏବଂ ଅନ୍ୟ ସମଧରଣର କାର୍ଯ୍ୟ, (ii) ସମଲ, ପରାବିଲ ଏବଂ ଖମାର ଠାରେ ଷ୍ଟେସନ ବିଲ୍ଡିଙ୍ଗ, HL ପ୍ଲାଟଫର୍ମ, ପ୍ଲାଟଫର୍ମ ସେଲ୍ଟର, ସିଗ୍ନାଲ ଗୁମଟି, ପରିସର ପାଚେରୀ, ସଡ଼କ, ଗଭୀର ନଳକୂପ ଇତ୍ୟାଦି, ବିଦ୍ୟୁତୀକରଣ ଏବଂ ଅନ୍ୟ ସମଧରଣର କାର୍ଯ୍ୟଗୁଡ଼ିକ ସହିତ ଖମାର ଠାରେ P.Way ଷ୍ଟୋରର ନିର୍ମାଣ, (iii) ତାଳଚେର-ସୁନାଖଣି ଷ୍ଟେସନ ଏବଂ ସମଲ-ପରାବିଲ୍ ଷ୍ଟେସନ ମଧ୍ୟରେ ବଳକା ସାଇଡ୍ ଡ୍ରେନ୍, ଟୋ ୱାଲର ନିର୍ମାଣ ତଥା ଅନ୍ୟ ବିବିଧ କାର୍ଯ୍ୟ ସମୂହ, (iv) ବୁଢ଼ାପଙ୍କ ଏବଂ ସାଲଗାଁ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ମଣ୍ଡେଶ୍ୱର ଠାରେ ଇନ୍‌ଡୋର ହଲ୍ ନିକଟରେ ଇଲେକ୍ଟ୍ରିକାଲ ନିର୍ମାଣ ୟୁନିଟ୍ ନିମନ୍ତେ ବିଦ୍ୟୁତୀକରଣ ସହିତ ଷ୍ଟୋର କାର୍ଯ୍ୟାଳୟର ନିର୍ମାଣ ଏବଂ (v)ଜରପଡ଼ା ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ସବ୍‌ଷ୍ଟେସନ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ଉନ୍ନୟନ (Upgradation) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2465.73 ଲକ୍ଷ, EMD (ଟଙ୍କାରେ):₹ 13,82,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2019 ରିଖ 1200 ଘଣ୍ଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-23/CC/19-20



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
- ଗଙ୍ଗାଧର ମେହେର



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୨।୫(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପାତ୍ରପଡ଼ା ପୁଲେଶ୍ୱରୀ ବସ୍ତି ଅଞ୍ଚଳର ଯୋଗେନ୍ଦ୍ର ଭୋଳା। ପୁଲେଶ୍ୱର ବସ୍ତିରେ ରହୁଥିବା ଶିବରାମ ଭୋଳ ଓ ଭଉଣୀ ସଂଯୁକ୍ତା ଭୋଳଙ୍କ ଜମିବାଡ଼ିକୁ ନେଇ ଯୋଗେନ୍ଦ୍ରଙ୍କ ସହ ଶତ୍ରୁତା ଲାଗି ରହିଥିଲା। ପୂର୍ବରୁ ସଂଯୁକ୍ତା ଯୋଗେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ କରି ଜେଲ ଯାଇଥିଲେ। ସଂଯୁକ୍ତା ଜେଲରୁ ଫେରିବା ପରେ ଯୋଗେନ୍ଦ୍ର ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ବୁଧବାର ଭୋର ସମୟରେ ଯୋଗେନ୍ଦ୍ର ଏବଂ ତାଙ୍କ ସହଯୋଗୀମାନେ ଶିବରାମଙ୍କୁ କଟୁରୀରେ ହାଣି ରକ୍ତାକ୍ତ କରିବା ସହ ସଂଯୁକ୍ତାଙ୍କୁ ମାଡ଼ ମାରି ଚେନ ଛଡ଼ାଇ ନେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏ ନେଇ ଅଭିଯୋଗ କ୍ରମେ ପୋଲିସ ନଂ. ୨୭୬/୧୯ ରୁଜୁ କରି ଯୋଗେନ୍ଦ୍ରଙ୍କୁ ଗିରଫ କରିଛି।

### ଲୁଟ୍ ଉଦ୍ୟମ ପଣ୍ଡ, ଜଣେ ମହିଳା ଗିରଫ

**ପୁରୁଣା ଭୁବନେଶ୍ୱର,୨୨।୫(ଡି.ଏନ.ଏ.):** ଶ୍ରୀଲିଙ୍ଗରାଜ ଥାନା ଅଧୀନ ରଥଦାଣ୍ଡ ବାରିକ ସାହିଠାରେ ଥିବା ଏକ ଜୁଏଲାରୀ ଦୋକାନରୁ ଲୁଟ୍ କରିବାକୁ ଆସିଥିବା ୬ମହିଳା ବିଫଳ ହୋଇଛନ୍ତି। ପୋଲିସ ଉକ୍ତ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ମଟା ଅଞ୍ଚଳର ରେଣୁପ୍ରଭା ଶତପଥୀ। ଏହା ସହ ପୋଲିସ ରେଣୁଙ୍କ ସ୍ୱାମୀଙ୍କୁ ଅଟକ ରଖିଥିବା ଥାନାଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଏହି ଗ୍ୟାଙ୍ଗ ଉକ୍ତ ଦୋକାନକୁ ସୁନା କିଣିବାକୁ ଯାଇଥିଲେ। ଏମାନଙ୍କୁ ଦେଖି ସମ୍ପୃକ୍ତ ଦୋକାନୀ ସାମନ୍ତରାପୁରରେ ଥିବା ଏକ ଜୁଏଲାରୀ ଦୋକାନୀଙ୍କୁ ଖବର ଦେଇଥିଲେ। ଦୋକାନୀ କେତେଜଣ ଯୁବକଙ୍କୁ ଧରି ସେଠାରେ ପହଞ୍ଚିବା ପରେ ଉକ୍ତ ମହିଳାମାନେ ଦୌଡ଼ିଥିଲେ। ସେମାନେ ଜଣେ ଆଇନଜୀବୀଙ୍କ ପାଚେରି ଡେଇଁ ଘରେ ପଶିଯାଇଥିଲେ। ପରେ ଆଇନଜୀବୀଙ୍କ ପରିବାର ଓ ସ୍ଥାନୀୟ ଲୋକେ ମହିଳାମାନଙ୍କୁ ଗୋଡାଇ ଜଣଙ୍କୁ ଧରି ପୋଲିସ ଜିମା ଦେଇଥିବା ବେଳେ ୫ଜଣ ଖସି ପଳାଇଯାଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ. ୮୩/୧୯) ରୁଜୁ ହୋଇଛି।

### ନ୍ୟାୟବିତ୍ ସମ୍ମିଳନୀ ଉଦ୍‌ଘାଟନ ପାଇଁ ଓଡ଼ିଶା ଲୋକାୟୁକ୍ତଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର,୨୨।୫(ବ୍ୟୁରୋ):** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାଉଣ୍ଟ ଆବୁରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାୟବିତ ସମ୍ମିଳନୀ ଉଦ୍‌ଘାଟନ ପାଇଁ ଓଡ଼ିଶାର ଲୋକାୟୁକ୍ତ ଅଧକ୍ଷଙ୍କୁ ନିମନ୍ତ୍ରଣ କରାଯାଇଛି। ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ତରଫରୁ ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଦୁର୍ଗେଶ ନନ୍ଦିନୀ, ବ୍ରହ୍ମା କୁମାର ବିଜୟ ଓଡ଼ିଶାର ଲୋକାୟୁକ୍ତ ଅଧକ୍ଷ ତଥା ନ୍ୟାୟାଧୀଶ ଅଜିତ ସିଂହଙ୍କୁ ଭେଟି ନିମନ୍ତ୍ରଣ ଜଣାଇଛନ୍ତି। ମେ' ୨୫ରୁ ୨୯ ପର୍ଯ୍ୟନ୍ତ ମାଉଣ୍ଟ ଆବୁ ଜ୍ଞାନ ସରୋବରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଜୁନ୍ ୩ରୁ ୭ ଗ୍ରାମ୍ୟ ବିକାଶ ସମ୍ମିଳନୀ, ୧୨ ରୁ ୧୬ ଖବରଦାତା ସମ୍ମିଳନୀ, ଜୁନ୍ ୩୦ରୁ ଜୁଲାଇ ୪ ସାମାଜିକ କଲ୍ୟାଣ ବିଭାଗ ସମ୍ମିଳନୀ, ଜୁଲାଇ ୯ରୁ ୧୩ ପ୍ରଶାସକ ବିଭାଗ ସମ୍ମିଳନୀ, ଜୁଲାଇ ୧୯ରୁ ୨୩ ମହିଳା ବିଭାଗ ସମ୍ମିଳନୀ, ଜୁଲାଇ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ବୈଜ୍ଞାନିକ ଏବଂ ଇଞ୍ଜିନିୟର ବିଭାଗ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ସ୍କୁଲ୍ ଘର ନିର୍ମାଣ ପାଇଁ ନିବେଦନ କଲେ ପିଲା

**ଭୁବନେଶ୍ୱର,୨୨।୫(ବ୍ୟୁରୋ):** ବାତ୍ୟାରେ ଡୁମୁଡୁମା ସୁବାସ ନଗରସ୍ଥ ଭକ୍ତକବି ମଧୁସୂଦନ ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏଠାରେ ପଢୁଥିବା କୁନିକୁନି ପିଲାମାନେ ସ୍କୁଲ୍ ଘର ନିର୍ମାଣ ପାଇଁ ନିବେଦନ କରିଛନ୍ତି। ୧୯୯୯ ଅଗଷ୍ଟ ୧୫ରେ ନବଜ୍ୟୋତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ସୁବାସନଗର ବସ୍ତି ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ୍ କରିବା ମୁଖ୍ୟ ଲକ୍ଷ୍ୟ ଥିଲା। ଏବେ ୫୦ଜଣ ବସ୍ତି ପିଲା ପାଠ ପଢୁଛନ୍ତି। ବାତ୍ୟାରେ ସ୍କୁଲ୍ ଭାଙ୍ଗିଯିବା ପରେ ପିଲାମାନେ କେଉଁଠି ପଢ଼ିବେ ତାହା ଚିନ୍ତାର ବିଷୟ ପାଲଟିଛି। ତେଣୁ ସ୍କୁଲ୍ ଗୃହ ନିର୍ମାଣ ପାଇଁ ବଦାନ୍ୟ ବ୍ୟକ୍ତି ଏବଂ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇବା ପାଇଁ ପିଲାଙ୍କ ସମେତ ମଧୁସୂଦନ ନାୟକ ନିବେଦନ କରିଛନ୍ତି।

■ ନଜର ଦେଉନି ବିଏମ୍‌ସି

# ସବୁଠି ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**



କୋଟିଲାଇ ହାଟ ପରିସରରେ ଅଳିଆ ଆବର୍ଜନା ଗଦା ହୋଇ ପଡ଼ିରହିଛି।

■ ଦୁର୍ଗନ୍ଧରେ ନାକ ଫାଟିପଡୁଛି
■ ରୋଗ ବ୍ୟାପିବା ଆଶଙ୍କା

ବାତ୍ୟା 'ଫନୀ'ରେ ଭୁବନେଶ୍ୱରରେ ବହୁ ଗଛ ଭାଙ୍ଗିବା ସହ ଉପୁଡ଼ି ପଡ଼ିଥିଲା। ସେହିପରି ଅନେକ ବଡ ବଡ ଡାଳ ଭାଙ୍ଗିପଡ଼ିଥିଲା। ସେହି ଗଛ ଓ ବଡ ବଡ ଡାଳଗୁଡ଼ିକୁ କାଟି ରାସ୍ତା ଉପରୁ ହଟାଇ ରାଜଧାନୀର ପୂର୍ବ ରୂପକୁ ଫେରାଇ ଆଣିବା ପାଇଁ ଲାଗିପଡ଼ିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। କିନ୍ତୁ ବାତ୍ୟା ପରଠୁ ଦୀର୍ଘଦିନ ହେଲା ରାସ୍ତାରେ ପଡ଼ିରହିଥିବା ଅଳିଆ ଆବର୍ଜନା କଥା ଭୁଲିଯାଇଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ସହରର ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାଗୁଡ଼ିକରେ କୁଢ କୁଢ ଅଳିଆ ଗଦା ହୋଇ ପଡ଼ିରହିଛି। ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଲୋକେ ନାକରେ ହାତ କିମ୍ବା ରୁମାଲ ଦେଇ ସେହି ରାସ୍ତା ଦେଇ ଯିବାକୁ ବାଧ ହେଉଛନ୍ତି। ଆବର୍ଜନା ଯୋଗୁ ନାନା ରୋଗ ବ୍ୟାପିବାର ମଧ ଆଶଙ୍କା ପ୍ରକାଶ ପାଇଛି। ସହରର ସଫେଇ ଦାୟିତ୍ୱ ବିଏମ୍‌ସି ୩ଟି ଠିକା ସଂସ୍ଥାକୁ ଦେଇଥିବାବେଳେ ବାତ୍ୟା ପରେ ସେମାନେ ତାଙ୍କ କାମ ଭୁଲିଯାଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଭୁବନେଶ୍ୱର ମହାନଗର ନିଗମ ଅଧୀନ ୬୭ଟି ୱାର୍ଡ଼କୁ ସ୍ୱଚ୍ଛ ରଖିବା ଲାଗି ବିଏମ୍‌ସି ପକ୍ଷରୁ ରାମ୍‌କୀକୁ ୧୫ଟି, ପିଏମ୍‌ଆର୍‌କୁ ୧୪ଟି, ଜାଗୃତିକୁ ୨୮ଟି ୱାର୍ଡ଼ର ସଫେଇ ଦାୟିତ୍ୱ ଦିଆଯାଇଥିବାବେଳେ ବିଏମ୍‌ସି ୧୦ଟି ୱାର୍ଡ଼ର ଦାୟିତ୍ୱ ବୁଝୁଛି। ମାତ୍ର ସେମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ଗତ ୧୦ଦିନ ହେଲା ବିଭିନ୍ନ ସ୍ଥାନରେ ଡଷ୍ଟବିନଗୁଡ଼ିକ ପଡ଼ିରହିଥିବାବେଳେ ସଫେଇ କର୍ମଚାରୀ ଆସୁନାହାନ୍ତି। ବିଭିନ୍ନ ୱାର୍ଡ ସମେତ ମୁଖ୍ୟରାସ୍ତାରେ କୁଢ କୁଢ ଆବର୍ଜନା ପଡ଼ିରହିଥିବା ଦେଖିବାକୁ ମିଳିଛି। ଏପରି କି ରସୁଲଗଡ଼ର କୋଟିଲାଇ ହାଟ ସମେତ ଅନେକ ହାଟ ଓ ମାର୍କେଟ ପରିସରରୁ ମଧ ଦୀର୍ଘଦିନ ହେଲା ଆବର୍ଜନା ଉଠାଯାଇନାହିଁ। ଆବର୍ଜନା ପଚିଶଢ଼ି ଯାଇ ପୋକ ସାଲୁବାଲୁ ହେଉଛନ୍ତି। ସେହି ବାଟେ ଯିବାକୁ ଲୋକେ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅଳିଆ ଉଠାଇବା ଗାଡ଼ି ଏବେ ଗଛଉଠା କାମରେ ଲାଗିଛି। ଅନ୍ୟପଟେ ଲୋକଙ୍କ ଅସନ୍ତୋଷ ବଢୁଛି। ଏ ନେଇ ବିଏମ୍‌ସିର ଅତିରିକ୍ତ ଆୟୁକ୍ତ ସୁରଥ ଚନ୍ଦ୍ର ମଲ୍ଲିକ କହିଛନ୍ତି, 'ଫନୀ'ରେ ଭାଙ୍ଗିଥିବା ଗଛ ଓ କ୍ଷତିଗ୍ରସ୍ତ ହୋଇଥିବା ଗଛଗୁଡ଼ିକୁ ଏବେ ରାସ୍ତା କଡ଼ରୁ ଉଠାଯାଇ ଅସ୍ଥାୟୀ ଡମ୍ପିଂୟାର୍ଡ଼ରେ ରଖାଯାଉଛି। ସେ କାମରେ ସଫେଇ ସଂସ୍ଥାର ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ଗାଡ଼ି ସମେତ ବହୁ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏପରି ସ୍ଥିତିରେ ଆମେ ଆବର୍ଜନା ଉଠାଇବା ଉପରେ ଧ୍ୟାନ ଦେଉଛୁ। କିନ୍ତୁ ସବୁ ସ୍ଥାନରେ ପହଞ୍ଚି ପାରୁନାହୁଁ। ଆଉ କିଛିଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ।

#### ଏମାନେ କହନ୍ତି...

**ଅଭିଯୋଗ କରି ନିରାଶ**

ଆବର୍ଜନା ନ ଉଠିବାରୁ ବିଏମ୍‌ସିରେ ଅନେକ ଥର ଅଭିଯୋଗ କରିଛୁ। ଏମିତିକି ବିଏମ୍‌ସି କାର୍ଯ୍ୟାଳୟକୁ ମଧ ଯାଇଛୁ, କିନ୍ତୁ ଆମ କଥା କେହି ଶୁଣିନାହାନ୍ତି। ପିଅନଙ୍କଠାରୁ ଆରମ୍ଭ କରି କିରାଣି ପର୍ଯ୍ୟନ୍ତ ସମସ୍ତେ ମନମାନୀ ଉତ୍ତର ଦେଉଛନ୍ତି। ଶେଷରେ ଫୋନ କରି ଅଭିଯୋଗ କଲୁ, ତଥାପି କିଛି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ।
**– ଦୀପକ କୁମାର ରାଉତ, ରସୁଲଗଡ଼**

**ସବୁବେଳେ ଏଇ ଅବସ୍ଥା**

କେବଳ ଏବେ ନୁହେଁ ବରଂ ସବୁବେଳେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ମାସ ମାସ ଧରି ଅଳିଆ ଆବର୍ଜନା ପଡ଼ିରହୁଛି। ଆମ କଥା ଶୁଣିବାକୁ କେହି ନାହାନ୍ତି। କର୍ପୋରେଟରଙ୍କୁ କହିଲା ବେଳକୁ ସେ କହୁଛନ୍ତି ଆମ କାର୍ଯ୍ୟକାଳ ସରିଯାଇଛି। ଆମେ କିଛି କରିପାରିବୁନି।
**– ଅଭିରାମ ଦାସ, ଜିଜିପି କଲୋନୀ**

**ସଫେଇ ହେଉନି**

ବାତ୍ୟା ପରଠୁ କୋଟିଲାଇ ହାଟ ପରିସରରେ ଏମିତି ଅଳିଆ ପଡ଼ିରହିଛି। ଚଲାବୁଲ ହେଉନି କି ବ୍ୟବସାୟୀମାନେ ବସିପାରୁନାହାନ୍ତି। ବିଏମ୍‌ସି ପକ୍ଷରୁ ନିୟମିତ ସଫେଇ କରାଯାଉନାହିଁ।
**– ବିମଳ ପ୍ରଧାନ, ରସୁଲଗଡ଼।**

## ଭିଏସ୍‌ଏସ୍ ନଗର ରାସ୍ତାରେ ମଇଳା ପାଣି

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

**ପଦକ୍ଷେପ ନିଆ ନ ଗଲେ ସ୍ୱେରେଜ ବୋର୍ଡ ଅଫିସ ଘେରାଉ**

ସ୍ମାର୍ଟ ସିଟି ଭୁବନେଶ୍ୱରର ପରିମଳ ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି। 'ଫନୀ' ପରେ ସହର ସଫେଇ କାର୍ଯ୍ୟରେ ଅଧିକରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବାବେଳେ ପରିମଳ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଭିଏସ୍‌ଏସ୍ ନଗରସ୍ଥିତ ବୀର ସୁରେନ୍ଦ୍ର ସାଏ ନଗର ରାସ୍ତାରେ ସ୍ୱେରେଜରୁ ବାହାରୁଥିବା ମଇଳା ପାଣି ଭାସୁଛି। ଗତ ଏପ୍ରିଲ ୧୬ ତାରିଖରୁ ସ୍ୱେରେଜ ଦାୟିତ୍ୱ ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି)ରୁ ସ୍ୱେରେଜ ବୋର୍ଡ ହାତକୁ ଯିବାପରଠୁ ଏହି ସମସ୍ୟା ଲାଗିରହିଛି। ବୀର ସୁରେନ୍ଦ୍ର ସାଏ ନଗରବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱେରେଜ ଲାଇନଗୁଡ଼ିକ ସଫା ନ ଥିବାରୁ ମଇଳା ପାଣି ଉଚ୍ଛୁଳି ରାସ୍ତାରେ ଲହଡ଼ି ମାରୁଛି। ସ୍ୱେରେଜ ଲାଇନ ମରାମତି ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ମନମୁଖି କାର୍ଯ୍ୟ ଚଳାଇଛି ବୋଲି ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ଅଭିଯୋଗ କରିଛନ୍ତି। ଏପରି କି ସ୍ୱେରେଜ ଲାଇନ ଜାମ୍ ହେବା ନେଇ ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀମାନେ ଶୁଣୁନାହାନ୍ତି। ଦୀର୍ଘଦିନ ଧରି ସ୍ୱେରେଜ ଲାଇନ କାମ ହୋଇ ନ ଥିବାବେଳେ ମଇଳା ପାଣି ରାସ୍ତାରେ ଭାସି ଘରେ ପଶୁଛି। ଦୁର୍ଗନ୍ଧ ସତ୍ତ୍ୱେ କଷ୍ଟେମଷ୍ଟେ ଚଳିବାକୁ ପଡୁଛି ବୋଲି ଦାଶଶର୍ମା କହିଛନ୍ତି। ଏହାର ତ୍ୱରିତ ଓ ସ୍ଥାୟୀ ସମାଧାନ ଲାଗି କଲୋନୀ ବାସିନ୍ଦା ଦାବି କରିଛନ୍ତି। ନଚେତ ସ୍ୱେରେଜ ବୋର୍ଡ ଅଫିସ୍ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



■ ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ଘରୋଇ ସଂସ୍ଥାକୁ ହସ୍ତାନ୍ତର

## ପ୍ରତିବାଦ କଲା ଏକାମ୍ର ଜନଜାଗରଣ ମଞ୍ଚ

**ପୁରୁଣା ଭୁବନେଶ୍ୱର,୨୨।୫(ଡି.ଏନ୍.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶହ ଶହ ଏକର ଜମି ଉପରେ ଜବରଦଖଲକାରଙ୍କ ନଜର ପଡିଛି। ଏଥିରେ ଦେବୋତ୍ତର ବିଭାଗର କେତେଜଣ ଅଧିକାରୀ ସମ୍ପୃକ୍ତ ରହି ମାଲେ ମାଲ ହୋଇଥିବା ଅଭିଯୋଗ ହୋଇଆସୁଛି। ଏଭଳି ସ୍ଥଳେ ଭୁବନେଶ୍ୱର ଖଣ୍ଡ-୨୨ ଅନ୍ତର୍ଗତ ଭୀମପୁର ମୌଜାସ୍ଥିତ ଠାକୁରଙ୍କ ଏକ ଭୂଖଣ୍ଡକୁ ନେଇ ଚର୍ଚ୍ଚା ଜୋର ଧରିଛି। ମହାପ୍ରଭୁଙ୍କର ଏହି ସମ୍ପତ୍ତିକୁ ଓଏଚ୍‌ଆରଇ ଆକ୍ଟ-୧୯୫୧ ଦ୍ୱାରା ସଂରକ୍ଷିତ ଘୋଷିତ କରାଯାଇଛି। ମାତ୍ର ଦେବୋତ୍ତର ବିଭାଗ ପକ୍ଷରୁ ଉକ୍ତ ଭୂଖଣ୍ଡକୁ ଏକ ଘରୋଇ ସଂସ୍ଥାକୁ ୯୯ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବାପାଇଁ ଆଦେଶ ଦିଆଯାଇଛି। ଗତ ମାସ ୧୬ତାରିଖରେ ଏହି ଆଦେଶ ଦିଆଯିବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ୯୯ବର୍ଷ ସମୟ ଅବଧି ମଧ୍ୟରେ ଉକ୍ତ ସମ୍ପତ୍ତିର ମୂଲ୍ୟ ପ୍ରାୟ ୩୪ହଜାର କୋଟି ଟଙ୍କା ଆକଳନ ହୋଇଥିବାବେଳେ ସେହି ସମାନ ସମୟ ପାଇଁ ୧୦କୋଟି ଟଙ୍କାରୁ କମ୍ ମୂଲ୍ୟରେ ଲିଜ୍ ସ୍ୱତ୍ୱରେ କିଭଳି ଦିଆଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି କି ଏହି କାରବାର ନେଇ ସେବାୟତମାନଙ୍କୁ ଏବଂ ଟ୍ରଷ୍ଟବୋର୍ଡର କୌଣସି ଟ୍ରଷ୍ଟି ସଦସ୍ୟଙ୍କୁ ଅବଗତ କରାଯାଇନାହିଁ। ଏହି ଘଟଣାକୁ ଯାଞ୍ଚ କରି ଲିଜ୍ ଦେଇଥିବା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଉ ବୋଲି ପ୍ରମୁଖ ସଚିବ (ଆଇନ)ଙ୍କ ନିକଟରେ ବୁଧବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଅଭିଯୋଗପତ୍ର ଦାଖଲ କରାଯାଇଛି। ଠାକୁରଙ୍କ ବହୁମୂଲ୍ୟ ସମ୍ପତ୍ତିକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଉ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ଦାବି କରିଛନ୍ତି।

## ବାତ୍ୟା ଅଞ୍ଚଳରେ ଶିଶୁଙ୍କୁ ୫ ଲକ୍ଷ କ୍ଷୀର ପ୍ୟାକେଟ ଦେବ ଏନ୍‌ଡିଡିବି

**ଭୁବନେଶ୍ୱର,୨୨।୫**

ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ଶିଶୁଙ୍କୁ ୫ ଲକ୍ଷ କ୍ଷୀର ପ୍ୟାକେଟ ଯୋଗାଇ ଦେବା ଲାଗି ନ୍ୟାଶନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ (ଏନ୍‌ଡିଡିବି) ପକ୍ଷରୁ ଘୋଷଣା କରାଯାଇଛି। ଆଗାମୀ ୨ ସପ୍ତାହ ମଧ୍ୟରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଏହା ଯୋଗାଇ ଦିଆଯିବ। ଏହାବାଦ ଏନ୍‌ଡିଡିବିର ଅଧିକାରୀଙ୍କ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଛି। ଏଠାରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଏନ୍‌ଡିଡିବିର କର୍ପୋରେଟ କମ୍ୟୁନିକେଶନ ଗ୍ରୁପ ମୁଖ୍ୟ ଅଭିଜିତ ଭଟ୍ଟାଚାର୍ଯ୍ୟୀ ଏହି ସୂଚନା ଦେଇଛନ୍ତି। ଏନ୍‌ଡିଡିବି ରାଜ୍ୟ ସରକାର ଏବଂ ଓମଫେଡ ସହ ମିଳିତ ହୋଇ କାର୍ଯ୍ୟ କରୁଛି। ସେହିଭଳି ବାତ୍ୟା ପ୍ରଭାବିତ ଅଞ୍ଚଳରେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ ବିଭିନ୍ନ କାର୍ଯ୍ୟରେ ନିଜର ଯୋଗଦାନ ରଖିଛି। ଏହା ଭବାନୀପାଟଣା ଏବଂ ସମ୍ବଲପୁର ଡେରୀରେ ୩ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଇଟି ଆଇସକ୍ରିମ ୟୁନିଟ ସ୍ଥାପନା କରିଛି। ସେହିଭଳି କଟକର ଅରିଲୋ ଗୋବିନ୍ଦପୁରଠାରେ ୫ ଲିଟର କ୍ଷମତା ବିଶିଷ୍ଟ ଏକ ଡେରୀ ପ୍ଲାଣ୍ଟ ସ୍ଥାପନା କରୁଛି। ଏହା ୨୪୨ କୋଟି ଟଙ୍କା ନିବେଶରେ ସ୍ଥାପନା କରାଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଚିଲିକା, ସମୁଦ୍ରକୂଳବାସୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦାବି

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ବାତ୍ୟା ଦ୍ୱାରା ବିଧ୍ୱସ୍ତ ଚିଲିକାର ଜୈବ ବିବିଧତା, ପରିବେଶୀୟ ସ୍ଥିତି ଫେରାଇ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପରିବେଶ ବିଜ୍ଞାନୀମାନଙ୍କ ସହ ପରାମର୍ଶ କରି ସ୍ୱତନ୍ତ୍ର ପୁନରୁଦ୍ଧାର ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଲୋକଶକ୍ତି ଅଭିଯାନର ସଭାପତି ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ନିବେଦନ କରିଛନ୍ତି। ମଙ୍ଗଳବାର ଲୋହିଆ ଏକାଡେମୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଲୋକଶକ୍ତି ଅଭିଯାନର ସାଧାରଣ ସମ୍ପାଦକ କଲ୍ୟାଣ ଆନନ୍ଦ ଓ ଯୁବଶକ୍ତି ଅଭିଯାନର ନେତା ମାନସ ପଟ୍ଟନାୟକ ସହ ସାମନ୍ତରା ରାଜ୍ୟ ସରକାରଙ୍କ ପାଖରେ ପ୍ରସ୍ତାବ ରଖିଛନ୍ତି ଯେ, ଚିଲିକା ଓ ସମୁଦ୍ର କୂଳରେ ବିଧ୍ୱସ୍ତ ଗ୍ରାମବାସୀଙ୍କ ପାଇଁ ପକ୍କାଘର ନିର୍ମାଣ ସହ ଜୀବିକା ଉତ୍ସଗୁଡିକର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରାଯାଉ। କେରଳରେ ବନ୍ୟା ପୀଡିତ ମତ୍ସ୍ୟଜୀବୀଙ୍କ ନିଶ୍ଚିହ୍ନ ହୋଇଯାଇଥିବା ବାସସ୍ଥାନ ପୁନଃନିର୍ମାଣ ସହ ଜାଲ ଓ ଡଙ୍ଗା ପାଇ ଜୀବିକା ଫେରିପାଇବାକୁ ବିନା ସୁଧରେ ରିହାତି ସହ ବ୍ୟାଙ୍କ ଋଣ ୧୦ଲକ୍ଷ ଟଙ୍କା ପ୍ରଦାନକରି ସରକାର ଗ୍ୟାରେଣ୍ଟର ରହିଥିଲେ। ଓଡ଼ିଶାରେ ମଧ ଏହି ବ୍ୟବସ୍ଥା କରାଯାଉ ବୋଲି ଲୋକଶକ୍ତି ଅଭିଯାନ ତରଫରୁ ଦାବି ହୋଇଛି। ଏହି ଅର୍ଥରେ ମତ୍ସ୍ୟ ସଂଗ୍ରହ ସହ ନିଜ ଜମିରେ ହରାଇଥିବା ଅର୍ଥକାରୀ ଫସଲ ଓ ବୃକ୍ଷରୋପଣ କରିବାକୁ ସମର୍ଥ ହେବେ ବୋଲି ପ୍ରକାଶ କରାଯାଇଛି।

## କୃଷି ବିକାଶରେ ଓୟୁଏଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)–** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ ଉଦ୍‌ଘାଟିତ ହୋଇଛି। ଚାରିଦିନ ବ୍ୟାପୀ ହେବାକୁ ଥିବା ଉକ୍ତ ବୈଠକର ଉଦ୍‌ଘାଟନୀ ସଭାରେ କୁଳପତି ଡ. ପଵନ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଯୋଗଦେଇ ଓଡ଼ିଶାର କୃଷି ପରିବେଶ ଓ ପରିସଂସ୍ଥାନ ବିକାଶରେ ଓୟୁଏଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଡ. ଅଗ୍ରୱାଲ କୃଷି ବିକାଶ କ୍ଷେତ୍ରରେ ବୈଜ୍ଞାନିକ ଓ ସରକାରୀ କୃଷି ବିଭାଗର ମିଳିତ ଉଦ୍ୟମ ଅପରିହାର୍ଯ୍ୟ ବୋଲି କହିବା ସହ ଗବେଷଣା ଲବ୍ଧ ଜ୍ଞାନର ଫଳପ୍ରଦ ତଥା ସଫଳ ସମ୍ପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାର ମୁଖ୍ୟ ସଞ୍ଚାଳନା ଅଧିକାରୀ ପ୍ରଫେସର ଲଳିତ ମୋହନ ଗଡ଼ନାୟକ ଓୟୁଏଟି କୃଷି ଗବେଷଣାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ରାଉଳ ସମ୍ପ୍ରସାରଣ କ୍ଷେତ୍ରରେ ଓୟୁଏଟିର ସଫଳତା ଓ ରାଜ୍ୟସ୍ତରରେ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର କୁମ୍ଭକର୍ଣ୍ଣ ରାଉତ ମହାବିଦ୍ୟାଳୟସ୍ତରୀୟ କୃଷି ଗବେଷଣା ସମ୍ପର୍କରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଯୋଗଦେଇଥିବା ଅତିଥିମାନେ।

## ଆଇନଜୀବୀଙ୍କ ଇଫ୍‌ତାର ପାର୍ଟି

**ଭୁବନେଶ୍ୱର(ବ୍ୟୁରୋ)/ବାରଙ୍ଗ(ଡି.ଏନ୍.ଏ.),୨୨।୫–** କଳିଙ୍ଗ ଟ୍ରଷ୍ଟ ପକ୍ଷରୁ ଆଇନଜୀବୀଙ୍କ ଇଫତାର ପାର୍ଟି ବୁଧବାର ସନ୍ଧ୍ୟାରେ ଚନ୍ଦ୍ରଶେଖରପୁରସ୍ଥିତ ଗ୍ରାଣ୍ଡ ଲୁମ୍ବିନୀ କନଭେନଶନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ରୋଜା ଭଙ୍ଗ ପରେ ସମୂହ ନମାଜ ପାଠ କରାଯିବା ସହ ପବିତ୍ର ରମଜାନ ମାସର ମାହାତ୍ମ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଇନଜୀବୀମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ମଧୁ ମାଧବ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି ପାର୍ଟିରେ ହାଜିବୁର ରେହମାନ, ହାସନ ଖାଁ, ଜିଆଉଲ ହକ, ମକବୁଲ ଅଲ୍ଲୀ, ମହମ୍ମଦ କୁତବ, ବିଜ୍ଞାନ ମହାନ୍ତି, ଶୀତାଂଶୁ ଦ୍ୱିବେଦୀ, ସିଦ୍ଧାର୍ଥ ଦାସ, ବିରେନ୍ଦ୍ର ପଟ୍ଟନାୟକ, ସମରେନ୍ଦ୍ର ସାହୁ ଏବଂ ଭୁବନେଶ୍ୱର ଶାନ୍ତି କମିଟିର ସମ୍ପାଦକ ନବକିଶୋର ବେହେରାଙ୍କ ସମେତ ବହୁ ଆଇନଜୀବୀ ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ବିଜୟ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

## ବାତ୍ୟା ପ୍ରତିରୋଧ କଲା ଭଳି ଗଛ ଲଗାଯିବ

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

**ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ**

ବାତ୍ୟା 'ଫନୀ' ଦ୍ୱାରା ପୁରୀ, ଖୋର୍ଦ୍ଧା, କଟକରେ ଲକ୍ଷାଧିକ ଗଛ ଭାଙ୍ଗିଯାଇଛି। ଅନେକ ଗଛ ଉପୁଡ଼ି ମଧ ଯାଇଛି। ତେବେ ଉପକୂଳବର୍ତ୍ତୀକୁ ପୁଣି ଥରେ ସବୁଜିମା କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିପାଇଁ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ତେବେ କେଉଁ ଗଛ ଲଗାଇଲେ ଉପକୃତ ହୋଇପାରିବ ସେଥିପାଇଁ ବନ ବିଭାଗ ଚିନ୍ତା କରୁଛି। ପୂର୍ବରୁ ବୃକ୍ଷରୋପଣ ସମୟରେ ଚାକୁଣ୍ଡା, କୃଷ୍ଣଚୂଡ଼ା, ରାଧାଚୂଡ଼ା ଭଳି ଗଛ ଲଗାଯାଉଥିଲା। ଯାହା ୧୦୦ କିଲୋମିଟର ବେଗରେ ପବନ ବହିଲେ ଭାଙ୍ଗିପଡୁଛି। ତେଣୁ ସେଗୁଡ଼ିକ ନ ଲଗେଇବା ପାଇଁ ସ୍ଥିର କରାଯାଇଛି। ବାତ୍ୟାକୁ ପ୍ରତିରୋଧ କରିପାରୁଥିବା କରଞ୍ଜ, ବଉଳ, ଅଶୋକା ଭଳି ଗଛ ଲଗାଯିବ। ଏହି ଗଛ ସବୁ ଲଗାଗଲେ ବାତ୍ୟାରେ ୨୦୦ କିଲୋମିଟର ବେଗରେ ପବନ ବହିଲେ ମଧ ଗଛ ଉପୁଡ଼ିଯିବାର ସମ୍ଭାବନା କମ୍ ରହିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ପ୍ରମୁଖ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି। ଓଡ଼ିଶା ବାୟୋଡାଇଭରସିଟି ବୋର୍ଡ ପକ୍ଷରୁ ବୁଧବାର ଅରଣ୍ୟ ଭବନଠାରେ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସୁରେଶ ମହାପାତ୍ର ଉଦ୍‌ଘାଟନ କରି କହିଛନ୍ତି ଯେ, ବାତ୍ୟାରେ ଅନେକ ଗଛ ଅଧା ଉପୁଡ଼ି ରହିଛି। ଯେଉଁଗୁଡ଼ିକ ପୁନରୁଦ୍ଧାର କରାଯାଇପାରିବ। ସେଥିପାଇଁ ପ୍ରଥମ ଦିନରୁ ହିଁ ପୁନରୁଦ୍ଧାର କରିବା ପାଇଁ ସମସ୍ତ ବନଖଣ୍ଡ ଅଧିକାରୀଙ୍କୁ କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୫ହଜାର ଗଛ ପୁନରୁଦ୍ଧାର କରାଯାଇସାରିଲାଣି। ଆଉ ୩୦ହଜାର ଗଛ ବଞ୍ଚାଇବା ପାଇଁ ଚେଷ୍ଟା କରିବୁ ବୋଲି ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ, ଆର୍‌ପିଆର୍‌ସି ମୁଖ୍ୟ କାର୍ଯ୍ୟନିର୍ବାହୀ ରେବେକା ନାୟାର ଯୋଗଦେଇଥିଲେ।

# ବାତ୍ୟା ପ୍ରଭାବିତ ଶିଶୁଙ୍କ ପାଇଁ ପୁରୀରେ ଶିଶୁ ଅନୁକୂଳ ଶିକ୍ଷଣ ସ୍ଥାନ ପ୍ରତିଷ୍ଠା

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**




ବିପର୍ଯ୍ୟୟ ସମୟରେ ଶିଶୁଙ୍କ ସୁରକ୍ଷା ଏବଂ ତାଙ୍କ ପାଇଁ ସୁରକ୍ଷିତ ପରିବେଶ ଅତି ଜଟିଳ ଓ ଗୁରୁତର ବିଷୟ ଅଟେ। ଓଡ଼ିଶାରେ ବାତ୍ୟା 'ଫନୀ' ପରେ ସେଭ୍ ଦି ଚିଲଡ୍ରେନ୍ ପକ୍ଷରୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପଞ୍ଚାୟତର ସାତପଡ଼ା ଭୋଇ ସାହି ଗ୍ରାମରେ ଏକ ଶିଶୁ ଅନୁକୂଳ ଶିକ୍ଷଣ ସ୍ଥାନ ପ୍ରତିଷ୍ଠା କରାଯାଇଛି। ଗ୍ରାମର ପାଖାପାଖି ୭୫ ପରିବାରର ୪୦୮ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି ଏବଂ ନିକଟସ୍ଥ ଏକ ପଞ୍ଚାୟତ କଲେଜରେ ବର୍ତ୍ତମାନ ଆଶ୍ରୟ ନେଇ ରହୁଛନ୍ତି। ଶିଶୁ ଅନୁକୂଳ ଶିକ୍ଷଣ ସ୍ଥାନକୁ ସେଭ୍ ଦି ଚିଲଡ୍ରେନ୍‌ର ସିଇଓ ବିଦିଶା ପଲାଇ ଉଦ୍‌ଘାଟନ କରି କହିଛନ୍ତି, ବାତ୍ୟା ପ୍ରକୋପରେ ଅନେକ ଲୋକ ସେମାନଙ୍କ ବାସଗୃହ ହରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ବାତ୍ୟା ଆଶ୍ରୟସ୍ଥଳରୁ ନିଜ ଘରକୁ ଆସିବାରେ ଅସମର୍ଥ। ବୟସ୍କମାନଙ୍କୁ ପୁନଃ ଥଇଥାନ କରି ସକ୍ରିୟ ହେବାକୁ ହେଲେ ସର୍ବପ୍ରଥମେ ଶିଶୁମାନଙ୍କର ଯତ୍ନ ହିଁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଆମେ ଏହି ଗ୍ରାମରେ ଶିଶୁ ଅନୁକୂଳ ଶିକ୍ଷଣ ସ୍ଥାନ ପ୍ରତିଷ୍ଠା କରିଛୁ ବୋଲି ବିଦିଶା କହିଛନ୍ତି। ଏହାଦ୍ୱାରା ଶିଶୁ ବା ପିଲାମାନେ ମନୋରଞ୍ଜନ, ଆମୋଦ ପ୍ରମୋଦ କରିବା ସହିତ ଅନୌପଚାରିକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇପାରିବେ, ଯାହା ସେମାନଙ୍କୁ ଆଗାମୀ ଦିନରେ ଅଙ୍ଗନୱାଡି ଓ ବିଦ୍ୟାଳୟ ଯିବାରେ ସାହାଯ୍ୟ କରିବ। ପ୍ରଥମତଃ ଏହି ଶିକ୍ଷଣ ସ୍ଥାନ ବାସହରା ଶିଶୁମାନଙ୍କୁ ମାନସିକ ଆଘାତରୁ ମୁକ୍ତ କରିବାରେ ସହାୟକ ହେବ। ଶିଶୁମାନେ ମେଳ ହୋଇ ଖେଳିବା ଓ କିଛି ଶିଖିବାର ସୁଯୋଗ ପାଇବେ ବୋଲି ସେ କହିଛନ୍ତି। ତେବେ ସେଭ୍ ଦି ଚିଲଡ୍ରେନ୍ ପକ୍ଷରୁ ୫ଟି କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଯୋଜନା ଚାଲିଛି, ଯାହାକି ମାଣିକ, ପରସପଦା, ଅରଖକୁଦ ଓ ବ୍ରହ୍ମପୁରା ପଞ୍ଚାୟତରେ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ପାଖାପାଖି ୩୫୦ ଶିଶୁ ଉପକୃତ ହେବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମେ ୨୩/୨୦୧୯ Bhubaneswar, Thursday, May 23/2019

## ସଂକ୍ଷେପରେ

### ୩ ଶିକ୍ଷକ ପାଇବେ 'ଅବନୀ ବରାଳ ସ୍ମୃତି ସମ୍ମାନ'

**ଭୁବନେଶ୍ୱର,୨୨।୫(ବ୍ୟୁରୋ):** ବିଶିଷ୍ଟ ଶିକ୍ଷକ ନେତା, ଶିକ୍ଷକ ଆନ୍ଦୋଳନର ସାରଥି, ତଥା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସାଥୀ ଅବନୀ ବରାଳଙ୍କ ୮୫ତମ ଜୟନ୍ତୀ ପାଳନ ଅବସରରେ ଆସନ୍ତା ଜୁନ୍ ୩ରେ ଇଉ୍‌କଲ ଅଡିଟୋରିୟମ୍‌ରେ ଅବନୀ ବରାଳ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହେବ। ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଅଜିତ୍ ମହାନ୍ତି '୧୦୦ ବର୍ଷରେ ଓଡ଼ିଶା-ଶିକ୍ଷାର ଗତି, ପ୍ରଗତି ନା ଦୁର୍ଗତି' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। ଏହି ଅବସରରେ ୩ ପ୍ରବୀଣ ଶିକ୍ଷକ ନରସିଂହପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା କଲେଜ ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ଶରତ ଭଞ୍ଜ, ଯାଜପୁର ଜିଲା ମାଧମିକ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ଲୋକନାଥ ଦାସ ଓ ନିମ୍ନମାଧମିକ ଶିକ୍ଷକ ସଂଘର ପୂର୍ବତନ ଯୁଗ୍ମ ସମ୍ପାଦକ ଦେବହରି ମହାନ୍ତିଙ୍କୁ 'ଅବନୀ ବରାଳ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଏହି ସମାରୋହରେ ଶିକ୍ଷକ, ଅଧାପକ, ଶିକ୍ଷାକର୍ମୀ ଏବଂ ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗଦେବାକୁ ମହାସଂଘ ସଭାପତି ଦାଶରଥି ନାୟକ ଓ ସାଧାରଣ ସମ୍ପାଦକ ଅଧାପକ ରବି ରାୟ ଅନୁରୋଧ କରିଛନ୍ତି।



କମିଶନରେଟ୍ ପୋଲିସ ପକ୍ଷରୁ ଓଡ୍ରାଫ୍ ଟିମ୍‌କୁ ସମ୍ମାନିତ କରାଯାଉଛି।

### ■ 'ଫନୀ' ମୁକାବିଲାର ରିୟଲ ହିରୋ

# ୬ ଓଡ୍ରାଫ ୟୁନିଟକୁ ସମ୍ମାନିତ କଲେ କମିଶନର

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

ବାତ୍ୟା 'ଫନୀ' ସମୟରେ ଭୁବନେଶ୍ୱର ଓ କଟକରେ ପୀଡ଼ିତଙ୍କୁ ଉଦ୍ଧାର କରିବା ସହ ବିଭିନ୍ନ ସହାୟତା ଯୋଗାଇବା ଏବଂ ୨୪ଘଣ୍ଟା ଭିତରେ ରାସ୍ତାଘାଟରୁ ବଡ ବଡ ଗଛ କାଟି ସଫା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଓଡ଼ିଶା ଡିଜାଷ୍ଟର ରାପିଡ ଆକ୍ସନ ଫୋର୍ସ (ଓଡ୍ରାଫ)। ଗତ ୨୧ଦିନ ଧରି ରାଜ୍ୟ ପୋଲିସ ଏବଂ କମିଶନରେଟ ପୋଲିସ ସହ ମିଶି କାର୍ଯ୍ୟ କରୁଥିବା ରିୟଲ ହିରୋମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛି ଓଡ୍ରାଫ। ଏହାର ୬ଟି ୟୁନିଟକୁ ବୁଧବାର ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟ କାର୍ଯ୍ୟାଳୟରେ ସମ୍ମାନିତ କରିଛନ୍ତି।

କମିଶନର କହିଛନ୍ତି, ବାତ୍ୟା ପୂର୍ବରୁ କମିଶନରେଟ ପୋଲିସ ସାଙ୍ଗରେ ମିଶି କାର୍ଯ୍ୟ କରିବାକୁ ୬ଟି ଓଡ୍ରାଫ ୟୁନିଟ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେଗୁଡ଼ିକ ହେଲେ ଓଏସ୍‌ଏପି ପ୍ରଥମ ବାଟାଲିୟନ ଢେଙ୍କାନାଳ, ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା, ଚତୁର୍ଥ ଆଇଆର୍ ବାଟାଲିୟନ ଦେବଗଡ଼, ଓଏସ୍‌ଏପି ସପ୍ତମ ବାଟାଲିୟନ ଭୁବନେଶ୍ୱର, ବାଲେଶ୍ୱର ଜିଲା ଓଡ୍ରାଫ ଏବଂ ପ୍ରଥମ ଆଇଆର୍ ବାଟାଲିୟନ କୋରାପୁଟ। ଏହି ୟୁନିଟ ଗୁଡ଼ିକର କାର୍ଯ୍ୟ ସ୍ମରଣୀୟ ରହିବ। ଫନୀ ତାଣ୍ଡବ ରଚି ଚାଲିଯିବା ପରେ କଟକ ଏବଂ ଭୁବନେଶ୍ୱରରେ ଉଦ୍ଧାର ଓ ରାସ୍ତାରୁ ଗଛକଟା କାର୍ଯ୍ୟ ତୁରନ୍ତ ଆରମ୍ଭ ହୋଇଥିଲା। ବାତ୍ୟା ଦିନ ହିଁ ରାତି ୮ଟା ସୁଦ୍ଧା ଜାତୀୟ ରାଜପଥକୁ ସଫା କରାଯାଇଥିଲା। ସେହିପରି ଭୁବନେଶ୍ୱରର ପ୍ରମୁଖ ରାସ୍ତାଗୁଡିକରୁ ମଧ୍ୟ ଗଛ କାଟି ସଫା କରାଯିବାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇପାରିଥିଲା। ବାତ୍ୟା ପରଦିନ କଟକ ଓ ଭୁବନେଶ୍ୱରର ରାସ୍ତାଘାଟରୁ ଗଛ ସଫା ହେବାରୁ ଲୋକଙ୍କ ନିକଟରେ ପାଣି, ରିଲିଫ ସାମଗ୍ରୀ ପହଞ୍ଚି ପାରିଥିଲା। ଯବାନମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ୪୮ଘଣ୍ଟା ଭିତରେ ଏହି ଦ୍ୱୈତ ନଗରୀର ସମସ୍ତ ରାସ୍ତାରୁ ଗଛ ସଫେଇ କାର୍ଯ୍ୟ ହୋଇଥିଲା। ବାତ୍ୟା ପରେ ବିଦ୍ୟୁତ ଏବଂ ଯବାନମାନଙ୍କ ରହିବା ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଏହାସତ୍ତ୍ୱେ ସେମାନେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିନାହାନ୍ତି। ନିଜ ଘରଦ୍ୱାର କଥା ଭୁଲି ତଥା ପରିବାରର ଖୁସିକୁ ଜଳାଞ୍ଜଳି ଦେଇ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଅକ୍ଳାନ୍ତ ପରିଶ୍ରମ କରି ସେମାନଙ୍କ ପାରଦର୍ଶିତା ଦେଖାଇଛନ୍ତି। ୟୁନିଟରେ ଟିମ୍ ଲିଡରଙ୍କଠାରୁ ଆରମ୍ଭ କରି ୨୪୦ ଜଣ ଯବାନ ରହିଥିଲେ। କମିଶନରେଟ ଏବଂ ରାଜ୍ୟ ପୋଲିସ ସହ ଏନ୍‌ଡିଆର୍‌ଏଫ୍, ଫାୟାର ଏବଂ ଓଡ୍ରାଫ ଯବାନମାନେ ମିଳିମିଶି ଲୋକଙ୍କୁ ସେବା ଯୋଗାଇ ଦେଇଛନ୍ତି। ତେଣୁ ଏମାନେ ହିଁ ପ୍ରକୃତ ହିରୋ ଏବଂ ଧନ୍ୟବାଦ ତଥା ପ୍ରଶଂସାର ପାତ୍ର ବୋଲି କମିଶନର ପ୍ରକାଶ କରିଛନ୍ତି।

ଏହି ସମ୍ବର୍ଦ୍ଧନା ଅବସରରେ ଭୁବନେଶ୍ୱର ଡିସିପି ଅନୁପ ସାହୁ ଏବଂ ଡିସିପି (ହେଡକ୍ୱାର୍ଟର) ପଦ୍ମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗାରରେ ଚିତ୍ର ଆଙ୍କୁଥିବା ଶିଳ୍ପୀ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**


ଶୁଭମୟ ବିଶ୍ୱାଳ

ପ୍ରକୃତିର ବାସ୍ତବତାକୁ କାନ୍‌ଭାସରେ ରୂପ ଦେଇ ମନର ଭାବାବେଗ ଓ ସୃଜନଶୀଳତାକୁ ଜୀବନ୍ତ ପ୍ରତିଛବିର ରୂପ ଦେଇଥାଆନ୍ତି ଯୁବ ଚିତ୍ରଶିଳ୍ପୀ ଶୁଭମୟ ବିଶ୍ୱାଳ। କେତେବେଳେ ରଙ୍ଗ ସହିତ କାନ୍‌ଭାସ ତ ପୁଣି କେତେବେଳେ କାନ୍‌ଭାସ ସହିତ ଅଙ୍ଗାରରେ ମନର ଭାବକୁ ପରିପ୍ରକାଶ କରିଥାଆନ୍ତି। ଅଙ୍ଗାରରେ ଚିତ୍ର ଆଙ୍କି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଶୁଭମୟ ଆଗାମୀ ଦିନରେ ଏହି କଳା ମାଧ୍ୟମରେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

ଯାଜପୁର ଜିଲା ଦଶରଥପୁର ବ୍ଲକ ଜଗନ୍ନାଥପୁର ଗ୍ରାମର ଶୁଭମୟ ପିଲାଦିନୁ ଚିତ୍ରକଳା ପ୍ରତି ମନ ବଳାଇଥିଲେ। ଚିତ୍ରକଳାକୁ କେବେ ପେସା କରିବେ ବୋଲି ଭାବି ନ ଥିବା ଏହି ଯୁବ ଚିତ୍ରଶିଳ୍ପୀ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ପରେ ଖଣ୍ଡଗିରିସ୍ଥିତ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ଚିତ୍ରକଳାରେ ଶିକ୍ଷାଗ୍ରହଣ କରିଥିଲେ। ଏହାପରେ ନିଜ ଚିତ୍ରକଳା ମାଧ୍ୟମରେ କିଛି ନା କିଛି ସାମାଜିକ ବାର୍ତ୍ତା ଦେବାକୁ ପ୍ରଚେଷ୍ଟା ଆରମ୍ଭ କରିଦେଇଥିଲେ। ଗୋ ଚାଲାଣ ଓ ଗୋ ସମ୍ପଦର ସୁରକ୍ଷା ପାଇଁ ସେ ଚିତ୍ରକଳା ମାଧ୍ୟମରେ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଥମେ ଫଟୋ ଉଠାଇବା ପରେ ତାହାକୁ ଦେଖି କାନ୍‌ଭାସ, କଲର ଓ ଅଙ୍ଗାର ଦ୍ୱାରା ତା'ର ପ୍ରତିଛବି ଆଙ୍କିଥାଆନ୍ତି, ଯାହାକି ତାଙ୍କର ସ୍ୱତନ୍ତ୍ରତା। ୨୦୧୫ରେ ଓଏସିଏସ୍ ତରଫରୁ ସମ୍ମାନିତ ହେବା ସହ ବମ୍ବେରେ ଅନୁଷ୍ଠିତ ସୌର ଆର୍ଟ ଗ୍ୟାଲେରି ତରଫରୁ ସମ୍ମାନିତ ହୋଇଥିଲେ। ୨୦୧୮ରେ ଲଳିତ କଳା ଏକାଡେମୀ ରାଜ୍ୟ ଓ ଜାତୀୟସ୍ତରୀୟ ଚିତ୍ରକଳା ଶିବିରରେ ଶ୍ରେଷ୍ଠ ଯୁବ ଚିତ୍ରଶିଳ୍ପୀ ଭାବେ ସମ୍ମାନିତ ହୋଇଥିଲେ। ଏକାଧିକ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇଥିବା ଶୁଭମୟ ଆସନ୍ତା ୨୦୨୦ ମସିହାରେ ଦିଲ୍ଲୀରେ ଏକ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାସହ ବର୍ତ୍ତମାନ ସେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବାସଭବନରେ ଥିବା ଏକ ଛୋଟ ଷ୍ଟୁଡିଓରେ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ପାଇଁ ପ୍ରସ୍ତୁତ ହେଉଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ନିଆରା ଚିତ୍ରକଳା ଦ୍ୱାରା ଗିନିଜ୍ ୱାର୍ଲଡ ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛନ୍ତି। କେବଳ ଚିତ୍ରକଳା ନୁହେଁ, କାବ୍ୟ, କବିତା, କ୍ଷୁଦ୍ରଗଳ୍ପ ଲେଖିବାରେ ମଧ୍ୟ ତାଙ୍କର ଅଭିଜ୍ଞତା ରହିଛି।



### ■ ଏଲ୍‌ଆଇସି ଏଜେଣ୍ଟ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ଆନ୍ଧ୍ରରୁ ଗିରଫ

**ଜଟଣୀ,୨୨।୫(ଡି.ଏନ୍.ଏ.)**

ଏଲ୍‌ଆଇସି ଏଜେଣ୍ଟ ରବୀନ୍ଦ୍ର କୁମାର ନାୟକଙ୍କ ହତ୍ୟା ଘଟଣାରେ ଜଟଣୀ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଆନ୍ଧ୍ରପ୍ରଦେଶର ମଛଲିପଟନମ୍ ଅଞ୍ଚଳରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ରାଜାବଜାର ଅଞ୍ଚଳର ସାହାବାଜ ଖାନ୍। ଏହା ସହ ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଲୁହାରଡ୍, ପ୍ଲାଷ୍ଟିକ ପାଇପ୍ ସମେତ ଗୋଟିଏ କାର୍ ଜବତ ହୋଇଛି। ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୪ଅଭିଯୁକ୍ତ ଏବେ ବି ଫେରାର ଥିବା ପୋଲିସ କହିଛି। ସୂଚନାଥାଉ କି, ଖୋର୍ଦ୍ଧା ଶାଖା ଏଲ୍‌ଆଇସି ଏଜେଣ୍ଟ ଆସୋସିଏଶନ୍‌ର ବୈଠକ ସାରି ୨୦୧୮ ଡିସେମ୍ବର ୧ରେ ରାତିରେ ରବୀନ୍ଦ୍ର ଜଟଣୀ ଶ୍ରୀ ବିହାର ଅଞ୍ଚଳରେ ଭଡାରେ ରହୁଥିବା ଘରକୁ ଫେରୁଥିଲେ। ଅଭିଯୁକ୍ତମାନେ ଖୋର୍ଦ୍ଧା ବାଇପାସ୍‌ସ୍ଥିତ ଏକ ଢ଼ାବାରୁ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ କାର୍‌ରେ ଜଟଣୀ ଆଡ଼କୁ ଆସୁଥିଲେ। ଖୋର୍ଦ୍ଧା ଓ ଜଟଣୀ ମୁଖ୍ୟରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଏକ ଘରୋଇ ସ୍କୁଲ ନିକଟରେ ଗାଡ଼ି ଓଭରଟେକ୍‌କୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏହା ପରେ ରବୀନ୍ଦ୍ର ବାଇକ୍ ନେଇ ଜଟଣୀ ଅଭିମୁଖେ ଯାଉଥିବା ବେଳେ ଅଭିଯୁକ୍ତମାନେ କାର୍‌ରେ ତାଙ୍କୁ ପିଛା କରିଥିଲେ। ଜଟଣୀସ୍ଥିତ ସେଲ୍‌ଟାକ୍ସ କାର୍ଯ୍ୟାଳୟ ନିକଟରେ ବାଇକ୍ ଆଗରେ କାର୍ ରଖି ରବୀନ୍ଦ୍ରଙ୍କୁ ଅଟକାଇଥିଲେ। ଅଟକାଇ ଅତର୍କିତ ଭାବେ ଲୁହାରଡ୍ ଓ ପ୍ଲାଷ୍ଟିକ୍ ପାଇପ୍‌ରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରବୀନ୍ଦ୍ରଙ୍କ ବଡ଼ ଭାଇ ରାଜକିଶୋର ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୧୨/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ସମସ୍ତ ଅଭିଯୁକ୍ତ ଫେରାର ଥିବାରୁ ଦୀର୍ଘ ସାଢ଼େ ୫ମାସ ପରେ ଫୋନ୍ ଟ୍ରାକିଂ ଓ ମିଳିଥିବା ସୂଚନାକୁ ଆଧାରକରି ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଆନ୍ଧ୍ରପ୍ରଦେଶକୁ ଯାଇ ସାହାବାଜଙ୍କୁ ଗିରଫ କରିଥିଲେ। ଅନ୍ୟ ୪ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।


ଗିରଫ ଅଭିଯୁକ୍ତ।

■ କାର୍, ମାରଣାସ୍ତ୍ର ଜବତ

■ ୪ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି

# ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ନିଆଁ

### ■ ଆୟତ୍ତ ପାଇଁ ୧୦ ଦମକଳ, ୧୦୦ କର୍ମଚାରୀ



**ବାରଙ୍ଗ,୨୨।୫(ଡି.ଏନ୍.ଏ.)**

ବାରଙ୍ଗସ୍ଥିତ ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ବୁଧବାର ରାତିରେ ନିଆଁ ଲାଗିଛି। ପ୍ରାୟ ୧୫ଏକରରୁ ଊର୍ଦ୍ଧ୍ୱ ଜାଗାରେ ଏହି ନିଆଁ ଲାଗିଛି। ଏହି ଭୟାଭୟ ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ସନ୍ଧ୍ୟା ୭ଟା ୩୦ରେ ନିଆଁ ଲାଗିଥିବାର ଦାରୁଠେଙ୍ଗ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ବିଷୟରେ ଗ୍ରାମବାସୀ ସ୍ଥାନୀୟ ଚନ୍ଦକା ଥାନା ସହ ବିଏମ୍‌ସିର ପଦାଧିକାରୀଙ୍କୁ ଜଣାଇଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଓ କଳ୍ପନାରୁ ୧୦ଟି ଦମକଳ ବାହିନୀ ସମେତ ପ୍ରାୟ ୧୦୦କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ଲାଗିଯାଇଥିଲେ। ପ୍ରକାଶ ଯେ, ଆବର୍ଜନାରେ ଭର୍ତ୍ତି ଡମ୍ପିଂୟାର୍ଡ ଏବେ ଫନୀରେ ଭାଙ୍ଗିଯାଇଥିବା ଗଛ ଡାଳରେ ପୂର୍ଣ୍ଣ ହୋଇରହିଛି। ପୂର୍ବରୁ ଏହି ଡମ୍ପିଂୟାର୍ଡକୁ ସୈନିକସ୍କୁଲ ପାଖରୁ ଅଳିଆ ଆସୁଥିବାବେଳେ ଏବେ ବାତ୍ୟା ଯୋଗୁ ବିଭିନ୍ନ ସ୍ଥାନରେ ପଡିଥିବା ଅଳିଆକୁ ସଫା କରିବା ପାଇଁ ବିଏମସି ପକ୍ଷରୁ ଅଧିକ ପରିମାଣର ଗାଡି ବ୍ୟବହାର କରିବାସହ ବିଭିନ୍ନ ଓ୍ୱାର୍ଡରୁ ମଧ୍ୟ ଅଳିଆ ସହ ଝାଡିଡାଳ ଆସି ଏଠାରେ ପଡୁଛି। ଏହି ଝାଡିଶୁଖିଲା ଗଛଡାଳ ଯୋଗୁ ନିଆଁର ପ୍ରକୋପ ବଢିବାରେ ଲାଗିଛି। ନିଆଁ ଯେଉଁଭଳି ଭାବେ ବଢିଚାଲିଛି ରାତିସୁଦ୍ଧା ଯଦି ଏହାକୁ ଆୟତ୍ତ କରା ନ ଯାଏ ଦାରୁଠେଙ୍ଗ, ତୁଳସାଦେଇପୁର, ଲୁଝଗଡ, ଭାଲୁଙ୍କା, କୃଷ୍ଣନଗର, ଭୁଆଶୁଣୀ, ଶ୍ୟାମସୁନ୍ଦରପୁର ଆଦି ଗ୍ରାମବାସୀ ପ୍ରତି ବିପଦ ଦେଖାଯାଇପାରେ। ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭା କାମରେ ଲାଗିଥିବାବେଳେ ନିଆଁକୁ ଆୟତ୍ତ କରାଯାଇପାରିନାହିଁ।













1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
- ଗଙ୍ଗାଧର ମେହେର



## ସଂକ୍ଷେପରେ

### ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା: ଅଭିଯୁକ୍ତ ଗିରଫ

ଚୌଦ୍ୱାର,୨୨।୫(ଡି.ଏନ୍.ଏ.): ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ କରଞ୍ଜି ଗ୍ରାମର ସନାତନ ମଲ୍ଲିକ (୨୩)। ଅଭିଯୋଗ ଅନୁଯାୟୀ, ଏହି ଥାନା ଅଞ୍ଚଳର ଜଣେ ଯୁବତୀ ଓ ସନାତନ ପରସ୍ପରକୁ ଦୀର୍ଘଦିନ ହେବ ଭଲ ପାଉଥିଲେ। ପରେ ସନାତନ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ୩ ମାସର ଗର୍ଭବତୀ ହୋଇଥିବା ସମ୍ପର୍କରେ ସନାତନଙ୍କୁ ଜଣାଇ ତାଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ଏଥିରେ ସନାତନ ଅରାଜି ହେବା ସହିତ ଯୁବତୀଙ୍କୁ ଗାଳିଗୁଲଜ କରି ପ୍ରତାରଣା କରିଥିଲେ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଏସ୍ଆଇ ବୃନ୍ଦାବନ ସାହୁ ଏକ ମାମଲା(ନଂ.୧୫୫/୧୯) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଛନ୍ତି।

### ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ୧୫ହଜାର ଟଙ୍କା ସହାୟତା

କଟକ ଅଫିସ, ୨୨।୫: ଫନୀ ଯିବାର ୧୯ ଦିନ ପରେ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ପୋଷ୍ଟାଲ ଆକାଉଣ୍ଟସ୍‌ର ଡାଇରେକ୍ଟର ପ୍ରଶାନ୍ତ କୁମାର ଦାଶ। ଏ ନେଇ ଦାସ ବୁଧବାର ପ୍ରକାଶଙ୍କୁ ସାକ୍ଷାତ କରି ୧୫ହଜାର ଟଙ୍କା ଫନୀ ସହାୟତା ରାଶି ପ୍ରଦାନ କରିଛନ୍ତି। ତାଙ୍କ ସହ ମହମ୍ମଦ ହସିବୁଲ୍‌ହା, ଅଭିନ୍ନ ରାଉତ, ରୁଦ୍ରାଣୀ ମହାପାତ୍ର ଓ ପୋଷ୍ଟାଲ ଆକାଉଣ୍ଟସ ରିକ୍ରିଏଶନ କ୍ଲବର ସମ୍ପାଦକ ଜ୍ଞାନ ହୋତା ଉପସ୍ଥିତ ଥିଲେ।

### ଶିଳ୍ପପତି ବଂଶୀଧର ପଣ୍ଡାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ

ଚୌଦ୍ୱାର,୨୨।୫(ଡି.ଏନ୍.ଏ.): ଶିଳ୍ପପତି, ଇମ୍ଫା ଶିଳ୍ପଗୋଷ୍ଠୀର ପ୍ରତିଷ୍ଠାତା, ଶାରଳା ପୁରସ୍କାରର ପ୍ରତିଷ୍ଠାତା, ବୈଜ୍ଞାନିକ ଡ. ବଂଶୀଧର ପଣ୍ଡାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ଶିଶୁ ସଦନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ପୌରୋହିତ୍ୟ କରି ଓଡ଼ିଶାର ଶିଳ୍ପ, ସାହିତ୍ୟ, ସଂସ୍କୃତି ତଥା ଆଦିବାସୀ ବିକାଶରେ ଡ. ପଣ୍ଡାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସ୍ଥାନୀୟ ଇମ୍ଫାର ଡିଜିଏମ୍ ଜି. ଶାରଦା ପ୍ରସାଦ ରାଓ, ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ, ଏନ୍. ଏଚ. ବାବୁ, ଈଶ୍ୱର ଚନ୍ଦ୍ର ଶର୍ମା, କର୍ମଚାରୀ ପ୍ରତିନିଧି ମଣ୍ଡଳୀ ସଦସ୍ୟ ବିଷ୍ଣୁ ଚରଣ ସାହୁ, ରବୀନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶିଶୁ ସଦନର ପିଲାମାନଙ୍କଦ୍ୱାରା ସମୂହ ବେଦ ଆବୃତ୍ତି, ସର୍ବଧର୍ମ ପ୍ରାର୍ଥନା ଓ ଭଜନ ପରିବେଷିତ ହୋଇଥିଲା। ଚୌଦ୍ୱାର ଇମ୍ଫା ପରିସରରେ ଅନୁରୂପ ଭାବେ ଶ୍ରାଦ୍ଧୋତ୍ସବ ଆୟୋଜିତ ହୋଇଥିଲା। କାରଖାନା ପରିସରସ୍ଥ ଶ୍ରୀରାମ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇମ୍ଫାର ସମସ୍ତ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଡା. ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

### ଆଇନଜୀବୀଙ୍କ ଇଫ୍‌ତାର ପାର୍ଟି

ବାରଙ୍ଗ,(ଡି.ଏନ.ଏ.)/ଭୁବନେଶ୍ୱର, ୨୨।୫(ବ୍ୟୁରୋ):କଳିଙ୍ଗ ଟ୍ରଷ୍ଟ ପକ୍ଷରୁ ଆଇନଜୀବୀଙ୍କ ଇଫତାର ପାର୍ଟି ବୁଧବାର ସନ୍ଧ୍ୟାରେ ଚନ୍ଦ୍ରଶେଖରପୁରସ୍ଥିତ ଗ୍ରାଣ୍ଡ ଲୁମ୍ବିନୀ କନଭେନଶନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ରୋଜା ଭଙ୍ଗ ପରେ ସମୂହ ନମାଜ ପାଠ କରାଯିବା ସହ ପବିତ୍ର ରମଜାନ ମାସର ମାହାତ୍ମ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଇନଜୀବୀମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଟ୍ରଷ୍ଟର ଅଧକ୍ଷ ତଥା ବରିଷ୍ଠ ଆଇନଜୀବୀ ମଧୁ ମାଧବ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି ପାର୍ଟିରେ ହାଜିବୁର ରେହେମାନ, ହାସନ ଖାଁ, ଜିଆଉଲ ହକ, ମକବୁଲ ଅଲ୍ଲୀ, ମହମ୍ମଦ କୁତବ, ବିଜ୍ଞାନ ମହାନ୍ତି, ଶୀତାଂଶୁ ଦ୍ୱିବେଦୀ, ସିଦ୍ଧାର୍ଥ ଦାସ, ବିରେନ୍ଦ୍ର ପଟ୍ଟନାୟକ, ସମରେନ୍ଦ୍ର ସାହୁ ଏବଂ ଭୁବନେଶ୍ୱର ଶାନ୍ତି କମିଟିର ସମ୍ପାଦକ ନବକିଶୋର ବେହେରାଙ୍କ ସମେତ ବହୁ ଆଇନଜୀବୀ ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ବିଜୟ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# କ୍ଷୟକ୍ଷତି ରିପୋର୍ଟରେ ରହୁନି ତାଳମେଳ

କଟକ ଅଫିସ,୨୨।୫

କଟକ ମହାନଗର ନିଗମ(ସିଏମ୍‌ସି)ରେ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ଫନୀରେ ଆକଳନ ହୋଇଥିବା ବଜେଟକୁ ନେଇ ଏବେ ଚର୍ଚ୍ଚାରେ ସିଏମ୍‌ସି। ଏ ନେଇ ମଙ୍ଗଳବାର ଆରଡିସିଙ୍କ ଅଧକ୍ଷତାରେ ସିଏମ୍‌ସିରେ ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା କଲ୍ୟାଣ ମଣ୍ଡପ, ଆହାରକେନ୍ଦ୍ର, ପାର୍କ, ପରିମଳ ଆଦି ବାବଦରେ ୩୭କୋଟି ୭୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବୈଠକରେ ମତ ପ୍ରକାଶ ପାଇଥିଲା। ଏ ନେଇ କମିଶନର ଶରତ ଚନ୍ଦ୍ର ନାୟକ କ୍ଷୟକ୍ଷତି ରିପୋର୍ଟ ଦେଇଥିଲେ। କିନ୍ତୁ ଉକ୍ତ ରିପୋର୍ଟ ତର୍ଜମା କଲେ ଜଣାପଡୁଛି ଯେ ସମୁଦାୟ ୨୧କୋଟି ୮୫ଲକ୍ଷ ଖର୍ଚ୍ଚ ହୋଇଛି। ହେଲେ ରିପୋର୍ଟରେ ଜାଲିଆତି କରି ତାହା ୪୩ କୋଟି ୭୦ଲକ୍ଷ ଦର୍ଶାଯାଇ ସରକାରଙ୍କୁ ପ୍ରଦାନ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରିପୋର୍ଟରେ ସିଏମ୍‌ସିର ୪ ଜଣ ଅଧିକାରୀଙ୍କ ଦସ୍ତଖତ ରହିଛି। ଫନୀରେ କେତେ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି ସେ ନେଇ ହୋଇଥିବା ରିପୋର୍ଟରେ ତାଳମେଳ ରହୁନଥିବା ଦେଖିବାକୁ ମିଳିଛି।

ଫନୀରେ କ୍ଷତିଗ୍ରସ୍ତ ରିପୋର୍ଟ ମୁତାବକ ଡ୍ରେନ, ରୋଡ, କଲଭର୍ଟ ମରାମତି ବାବଦରେ ୬କୋଟି, ଷ୍ଟ୍ରିଟ ଲାଇଟ ବାବଦରେ ୩କୋଟି, ରେସିଡେଣ୍ଟିଆଲ ଘର ବାବଦରେ ୪୦ଲକ୍ଷ, ପ୍ଲାଣ୍ଟ ଏବଂ ମେଶିନ ବାବଦରେ ୨କୋଟି, ପମ୍ପ ଷ୍ଟେଶନ ବାବଦରେ ୬୫ଲକ୍ଷ, ସାନିଟେସନ ବାବଦରେ ୬୦ଲକ୍ଷ, ପାର୍କ ବାବଦରେ ୩କୋଟି ୫୦ଲକ୍ଷ ଏହିପରି ସମୁଦାୟ ୨୧କୋଟି ୮୫ଲକ୍ଷ ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଥିଲେ ମଧ ଏହି ରିପୋର୍ଟ ସହ ତାଳମେଳ ରହୁ ନ ଥିବା ଦେଖିବାକୁ ମିଳିଛି।

ଏ ନେଇ ସିଏମ୍‌ସି ପକ୍ଷରୁ ଇଂ. ଦିବ୍ୟରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ଆମ ଡିପାର୍ଟମେଣ୍ଟରେ ଯାହା କ୍ଷୟକ୍ଷତି ବଜେଟ୍ ହୋଇଛି ତାହା ଆମେ କମିଶନରଙ୍କୁ ଦେଇଛୁ। ଅନ୍ୟପକ୍ଷରେ ସେକ୍ରେଟାରୀ ଲତାଶ୍ରୀ ବାଗ କହିଛନ୍ତି, ଗଣମାଧ୍ୟମ ଜରିଆରେ ଆମେ ଜାଣିବାକୁ ପାଇଲୁ ରିପୋର୍ଟରେ କଣ ସମସ୍ୟା ରହିଛି। ଆମେ ତର୍ଜମା କରିବୁ। ରିପୋର୍ଟରେ ଆହୁରି ଅନେକ କାର୍ଯ୍ୟର ବିବରଣୀ ଅନ୍ତର୍ଭୁକ୍ତ କରାଯାଇନାହିଁ। ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ। ସମ୍ପୂର୍ଣ୍ଣ ରିପୋର୍ଟ ଦେଖିବା ପରେ କ'ଣ ହୋଇଛି ତାହା ଜଣାପଡ଼ିବ। ଏ ନେଇ ସିଏମସି କମିଶନର ଶରତ ଚନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ଅନ୍ୟପକ୍ଷରେ ସରକାରଙ୍କ ନିକଟକୁ ପଠାଯାଇଥିବା ରିପୋର୍ଟରେ ୪ଜଣ ଅଫିସର ଦସ୍ତଖତ କରିଥିଲେ ମଧ କିପରି କୋଟି କୋଟି ଟଙ୍କାର ହିସାବରେ ତାଳମେଳ ରହୁନି ତାହା ତଦନ୍ତସାପେକ୍ଷ।

**କଟକ ମହାନଗର ନିଗମ**




■ରିପୋର୍ଟରେ ରହିଛି ୪ ଅଧିକାରୀଙ୍କ ଦସ୍ତଖତ

# ରଘୁନାଥପୁର ବନୀକରଣ ପ୍ରକଳ୍ପ କ୍ଷତିଗ୍ରସ୍ତ



ଫନୀ ପ୍ରଭାବରେ ଭାଙ୍ଗି ପଡିଥିବା ଗଛ।

କଟକ ସଦର, ୨୨।୫ (ଡି.ଏନ.ଏ.)

ଭୁବନେଶ୍ୱର ବନଖଣ୍ଡ ପକ୍ଷରୁ କଟକ ସଦର ବ୍ଲକ ଅଧୀନ ରଘୁନାଥପୁର(ମହୁରା)ଠାରେ ବନୀକରଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏଠାରେ ପ୍ରାୟ ୧୦,୦୦୦ ନିମ୍ବ ଓ ଫାଶୀଗଛ ରୋପଣ କରାଯାଇଛି। ଚଳିତ ବାତ୍ୟାରେ ଏହି ପ୍ରକଳ୍ପ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବହୁସଂଖ୍ୟାରେ ଗଛ ଭାଙ୍ଗି ଯାଇଥିଲେ ସୁଦ୍ଧା ଅନେକ ଗଛ ଭଲ ଅବସ୍ଥାରେ ରହିଛି। ଏହାକୁ ସଂରକ୍ଷିତ ରଖିବା ଲାଗି ପରମହଂସ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି। ପୁରୀ ରଥଯାତ୍ରା ପାଇଁ ଆବଶ୍ୟକ ପଡୁଥିବା ଫାଶୀକାଠର ଚାହିଦା ମେଣ୍ଟାଇବା ଲକ୍ଷ୍ୟ ରଖି ଏହି ପ୍ରକଳ୍ପ ୨୦୧୬ରେ ଆରମ୍ଭ କରାଯାଇଥିଲା। କଣ୍ଟକିତ ତାରବାଡ ଦ୍ୱାରା ଏହି ପ୍ରକଳ୍ପକୁ ଘେରାଯାଇଛି। ବାତ୍ୟା ପ୍ରଭାବରେ ସିମେଣ୍ଟଖୁଣ୍ଟ ଭାଙ୍ଗି ଯାଇଥିବାରୁ ସହଜରେ ସାଧାରଣ ଲୋକ ପ୍ରକଳ୍ପ ପରିସରକୁ ଯାଇପାରୁଛନ୍ତି। ଦୁର୍ବୃତ୍ତମାନେ ଉପୁଡି ପଡିଥିବା ଗଛ ସହ ବଞ୍ଚିଥିବା ଗଛକୁ କାଟି ନେଉଥିବା ଅଭିଯୋଗ ହୋଇଛି। ରାଜ୍ୟ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପ୍ରକଳ୍ପକୁ ସୁରକ୍ଷା ଯୋଗାଇ ଦେବା ପାଇଁ ଦାବି ହେଉଛି।

# ଭୋଟ ଗଣତି ପାଇଁ ଜିଲାର ୩ କେନ୍ଦ୍ର ପ୍ରସ୍ତୁତ



ବୋସ୍ ପରିସରରେ ଥିବା ଭୋଟ ଗଣତିସ୍ଥଳ ଅନୁଧ୍ୟାନ କରି ଫେରୁଛନ୍ତି ପର୍ଯ୍ୟବେକ୍ଷକ।

କଟକ ଅଫିସ, ୨୨।୫

■୮୮୬ କର୍ମଚାରୀ ନିୟୋଜିତ
■ଗଣତି କେନ୍ଦ୍ରକୁ ମୋବାଇଲ ଫୋନ୍ ନିଷେଧ

ଗୁରୁବାର ସାଧାରଣ ନିର୍ବାଚନର ଭୋଟ ଗଣତି। ଜିଲାର ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂ (ବୋଷ), ଆଠଗଡ଼ର ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟ ଗଣତି କରାଯିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବୋଷଠାରେ ମାହାଙ୍ଗା, ନିଆଳି, ସାଲେପୁର, କଟକ ସଦର, ବାରବାଟୀ-କଟକ, ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି କରାଯିବ। ସେହିପରି ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ଆଠଗଡ଼ ଓ ବଡ଼ମ୍ବା ନିର୍ବାଚନମଣ୍ଡଳୀର ଭୋଟ ଗଣତି ହେବାକୁ ଥିବାବେଳେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଙ୍କୀ ନିର୍ବାଚନମଣ୍ଡଳୀର ଭୋଟ ଗଣତି କାର୍ଯ୍ୟ କରାଯିବ। ମାହାଙ୍ଗା ନିର୍ବାଚନମଣ୍ଡଳୀ ପାଇଁ କେବଳ ୮ଟି ଟେବୁଲରେ ଭୋଟ ଗଣତି ହେବାକୁ ଥିଲାବେଳେ ବାକି ସବୁ ବିଧାନସଭା ଆସନ ଲାଗି ୭ଟି ଲେଖାଏ ଟେବୁଲ ବ୍ୟବସ୍ଥା କରାଯାଇଛି। ଗଣତି ପ୍ରକ୍ରିୟା ସକାଳ ୮ଟାରୁ ଆରମ୍ଭ ହେବ। ଏହି କାର୍ଯ୍ୟରେ ୩୦୬ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ, ୨୭୦ ଜଣ କାଉଣ୍ଟିଂ ସୁପରଭାଇଜର, ୩୧୦ ଜଣ ମାଇକ୍ରୋ ଅବଜରଭରଙ୍କୁ ମିଶାଇ ମୋଟ ୮୮୬ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗଣତି କେନ୍ଦ୍ରର ଗୃହଗୁଡିକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଗଣତି କେନ୍ଦ୍ର ମଧକୁ ମୋବାଇଲ ଫୋନକୁ ନିଷିଦ୍ଧ କରାଯାଇଛି। ଗଣତି କେନ୍ଦ୍ର ବାହାରେ ଉପସ୍ଥିତ ଜନତାଙ୍କୁ ଭୋଟ ଫଳାଫଳ ଜଣାଇବା ନିମନ୍ତେ ଡାକବାଜି ଯନ୍ତ୍ରର ବ୍ୟବସ୍ଥା କରାଯାଇଛି। ପ୍ରତି ରାଉଣ୍ଡ ଗଣତି ଶେଷରେ ଫଳାଫଳ ଘୋଷଣା କରାଯିବ। ଗଣତି କେନ୍ଦ୍ରକୁ ସିସିଟିଭି ବଳୟ ମଧରେ ରଖାଯାଇଥିଲା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

### ରୋଟାରି ଜିଲା ଗଭର୍ନରଙ୍କ ଚୌଦ୍ୱାର କ୍ଲବ୍ ପରିଦର୍ଶନ

ଚୌଦ୍ୱାର, ୨୨।୫(ଡି.ଏନ୍.ଏ.)

ରୋଟାରୀ ଜିଲା ୩୨୬୨ର ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ ମଙ୍ଗଳବାର ଚୌଦ୍ୱାର ରୋଟାରୀ କ୍ଲବ୍ ପରିଦର୍ଶନରେ ଆସିଥିଲେ। କପାଳେଶ୍ୱର ସାଇ ବିହାରସ୍ଥିତ କ୍ଲବ ପରିସରରେ ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗଭର୍ନର ଚୌଧୁରୀ ମୁଖ୍ୟଅତିଥିଭାବେ ଯୋଗଦେଇ ଚୌଦ୍ୱାର କ୍ଲବର ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ ଦିନରେ କ୍ଲବର ସଦସ୍ୟବୃନ୍ଦ ଜନତାଙ୍କ ହିତରେ ନିଜକୁ ସମର୍ପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ପ୍ରତିଭା ମହାନ୍ତି ଓ ଆସିଷ୍ଟାଣ୍ଟ ଗଭର୍ନର ଧରଣୀଧର ନାଥ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ଲବର ମୁଖପତ୍ର ଜାଗୃତିର ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପ୍ରତାପ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱ କଲ୍ୟାଣ ଦାସ ଧନ୍ୟବାଦ ଦେଇଥିଲେ। ସୁଭାସ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ରପତିଙ୍କୁ ଦାବି ଜଣାଇବା ନେଇ ବସ୍ତିବାସିନ୍ଦାଙ୍କ ଦିଲ୍ଲୀ ଯାତ୍ରା

କଟକ ଅଫିସ, ୨୨।୫

ବାତ୍ୟା, ବନ୍ୟା ଆସିଲେ ବିଶେଷଭାବେ ବସ୍ତିବାସିନ୍ଦାମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାର ସମାଧାନ ନିମନ୍ତେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏ ନେଇ ବୁଧବାର ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ ୪୦ ଜଣିଆ ଦଳ ଆସନ୍ତା ୨୫ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ସେମାନେ କଟକରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି।

ପ୍ରକାଶଥାଉକି, କଟକ ବସ୍ତିବାସିନ୍ଦାଙ୍କ ସମେତ ଭୁବନେଶ୍ୱର ଓ ପୁରୀର କେତେଜଣ ନେତୃସ୍ତରୀୟ ପ୍ରତିନିଧି ସେମାନେଙ୍କ ସହ ସାମିଲ ହୋଇଛନ୍ତି। ସେମାନେ ନୂଆଦିଲ୍ଲୀ ଜନ୍ତରମନ୍ତରଠାରେ ଆସନ୍ତା ୨୫ ତାରିଖରେ ଧାରଣା ଦେବେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇ ଏହାର ସମାଧାନ ପାଇଁ ଅନୁରୋଧ କରିବେ। ଏହି ପ୍ରତିନିଧି ଦଳର ମୁଖ୍ୟ ଭାବେ ବସ୍ତିବାସିନ୍ଦା ଏକତାମଞ୍ଚର ନେତା ସେଖ୍ ଅବଦୁଲ୍ଲା, ହେମେନ୍ଦ୍ର ସାମଲ, ପ୍ରମୋଦ ସ୍ୱାଇଁ, ଖୁର୍ସିଦା ବେଗମ୍, ବି. ଲିଙ୍ଗରାଜୁ, ଏନ୍. ରାଜୁରାଓ, ସାବିତ୍ରୀ ପାଲ୍, ବାସନ୍ତୀ ଜୀ, ସନ୍ତୋଷ ବେହେରା, ମମତା ସାହୁ, ସଜନୀ ଦାସ ପ୍ରମୁଖ ରହିଛନ୍ତି।

# ଆର୍ଆଇ କାର୍ଯ୍ୟାଳୟ ଭାଙ୍ଗିଲା

କଟକ ସଦର, ୨୨।୫ (ଡି.ଏନ.ଏ.)

କଟକ ସଦର ତହସିଲ ଅଧୀନ ବମ୍ଫୁରୀ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ କାର୍ଯ୍ୟାଳୟଟି ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବ୍ରିଟିଶ ଅମଳରେ ନିର୍ମାଣ ହୋଇଥିବା ୪ ବଖରା ଆଜବେଷ୍ଟସ ଘରେ ଏହି କାର୍ଯ୍ୟାଳୟ ଚାଲିଥିଲା। କାର୍ଯ୍ୟାଳୟର ରେକର୍ଡ ରୁମ୍‌ରେ ଥିବା ୧୯୩୧, ୧୯୭୪, ୧୯୯୦ ମସିହାର ଖତିୟାନ, ନକ୍ସା ଆଦି ମୂଲ୍ୟବାନ କାଗଜପତ୍ର ନଷ୍ଟ ହୋଇଛି। ଆରଆଇଙ୍କ କ୍ୱାର୍ଟର ନ ଥିବାରୁ ଖୋଲା ଆକାଶ ତଳେ କାର୍ଯ୍ୟାଳୟ ଚାଲିଛି। କଟକ ସଦର ତହସିଲର ଅଧିକାଂଶ ଆରଆଇ ଅଫିସ କୋଠାରେ ଚାଲିଥିବାବେଳେ ଏହି କାର୍ଯ୍ୟାଳୟଟି ଆଜବେଷ୍ଟସ ଘରେ ଚାଲିଥିଲା। ଏପରି କି ବାତ୍ୟା ପାଇଁ ପଲିଥିନ ରଖିବାକୁ ଏହି କାର୍ଯ୍ୟାଳୟରେ ସ୍ଥାନ ନାହିଁ। କଟକ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କାର୍ଯ୍ୟକାରୀ ହୋଇନି ହାଇକୋର୍ଟଙ୍କ ଆଦେଶ

କଟକ ଅଫିସ, ୨୨।୫

**ପୋଖରୀ ପୁନରୁଦ୍ଧାର ମାମଲା**

କଟକ ସହରରେ ଥିବା ପୋଖରୀଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ୨୦୧୨ରେ ହାଇକୋର୍ଟ ଏକ ଆଦେଶ ଦେଇଥିଲେ। ତଦନୁଯାୟୀ ସରକାରୀ ଓ ଘରୋଇ ମିଶି ମୋଟ୍ ୪୦ଟି ପୋଖରୀ ଚିହ୍ନଟ କରାଯାଇଥିଲା। ପୋଖରୀ ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୫ କୋଟି ଟଙ୍କା ସିଏମ୍‌ସିକୁ ପ୍ରଦାନ କରିଥିଲେ। ମାତ୍ର ୭ ବର୍ଷ ହେବ ଏହି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ହୋଇପାରିନାହିଁ। ଏ ସମ୍ପର୍କିତ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ନଗର ଉନ୍ନୟନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ଜିଲାପାଳ ଓ ସିଏମ୍‌ସି କମିଶନରଙ୍କୁ ଜବାବ ତଲବ କରିଛନ୍ତି। ସେହିପରି ଉପରୋକ୍ତ ଜବାବ ସହିତ ସୂତାହାଟ ପୋଖରୀର ପୁନରୁଦ୍ଧାର ନିମନ୍ତେ ମଧ କୋର୍ଟ ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସାମାଜିକ ସଂଗଠନ ମୈତ୍ରୀ ସଂସଦ ପକ୍ଷରୁ ଏ ନେଇ ମାମଲା ରୁଜୁ ହୋଇଥିଲା। ଆଡଭୋକେଟ ଅଜୟ ମହାନ୍ତି ଏହି ମାମଲା ପରିଚାଳନା କରୁଛନ୍ତି।




କଟକ ମାଛୁଆବଜାରସ୍ଥିତ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଆରଏମ୍ଏସ୍ ଏନ ଡିଭିଜନ କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥାନାନ୍ତରକୁ ବିରୋଧ କରି କଟକ ମହାନଗର ବୁଦ୍ଧିଜୀବୀ ଏବଂ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ କଟକସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା।

# ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ

କଟକ ଅଫିସ୍, ୨୨।୫

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାର୍ଷିକ ପ୍ରଶିକ୍ଷଣ ବର୍ଗ ସଂଘ ଶିକ୍ଷା ବର୍ଗ କଟକର ଗତିରାଉତ ପାଟଣା ନିକଟସ୍ଥ କେଶବଧାମରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ଟି. ସିନ୍ନିବାଶ ବ୍ରହ୍ମା ଏବଂ ମୁଖ୍ୟ ବକ୍ତା ଭାବେ କ୍ଷେତ୍ର ପ୍ରଚାରକ ପ୍ରଦୀପ ଯୋଷୀ ଯୋଗଦେଇଥିଲେ। ଏଥିରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ଆଣ୍ଡାମାନ ନିକୋବର ଆଦି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଶିକ୍ଷାର୍ଥୀମାନେ ଭାଗ ନେଇଛନ୍ତି । ଏଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ବର୍ଷ ସାମାନ୍ୟ ବର୍ଗରେ ୨୨୦ଜଣ, ପ୍ରଥମ ବର୍ଷ ବିଶେଷରେ ୧୦୦ ଜଣ ଓ ଦ୍ୱିତୀୟ ବର୍ଷ ସାମାନ୍ୟରେ ୧୮୦ ଜଣ ଭାଗ ନେଇଛନ୍ତି। ସେହିପରି ୨୦୦ ଜଣ ଶିକ୍ଷକ ଓ ପ୍ରବନ୍ଧକ ଯୋଗଦେଇଛନ୍ତି । ଏହି ବର୍ଗ ୨୧ ଦିନ ଧରି ଅନୁଷ୍ଠିତ ହେବ।

ଏହି ପ୍ରଶିକ୍ଷଣ କୌଣସି ଡିଗ୍ରୀ ବା ପ୍ରମାଣପତ୍ର ପାଇଁ ନୁହେଁ ବରଂ ମାନବତା ନିର୍ମାଣ ପ୍ରକ୍ରିୟାର ଏହା ଏକ ଚରଣ। ସଂଘର ପ୍ରଶିକ୍ଷଣ କେବଳ ଶାରୀରିକ ବ୍ୟାୟାମ, ବୌଦ୍ଧିକ ମଧରେ ସୀମିତି ନୁହେଁ ବରଂ ବୈଚାରିକ ଅଧିଷ୍ଠାନ ମଧ। ନିଜ ଖର୍ଚ୍ଚରେ ପ୍ରଶିକ୍ଷଣ ନେବା ସହିତ ମୋବାଇଲ ଠାରୁ ୨୧ ଦିନ ପର୍ଯ୍ୟନ୍ତ ଦୂରେଇ ରହିବାକୁ ହୋଇଥାଏ। ପ୍ରଥମ ବର୍ଷ ସାମାନ୍ୟ ବର୍ଗର ପାଳକ ଅଧିକାରୀ ଭାବେ ପ୍ରାନ୍ତ ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ଓ ବିଶେଷର ପାଳକ ଭାବେ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ତନ୍ମୟ ମହାପାତ୍ର ରହିଥିବାବେଳେ ଚୈତନ୍ୟ ବାରିକ ବର୍ଗକାର୍ଯ୍ୟବାହ ଦାୟିତ୍ୱ ତୁଲାଉଛନ୍ତି। ସେହି ପରି ଦ୍ୱିତୀୟ ବର୍ଷ ସାମାନ୍ୟ ସଂଘଶିକ୍ଷା ବର୍ଗକୁ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ଡି. ପ୍ରକାଶ ରାଓ ଏବଂ ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସହ ପ୍ରଚାରକ ପ୍ରମୁଖ ଅଦ୍ୱୈତ ଚରଣ ଦତ୍ତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ବର୍ଗର ପାଳକ ଅଧିକାରୀ ହେଉଛନ୍ତି ରମାପଦ ନନ୍ଦ।

# ଫନୀ ଭାଙ୍ଗିଦେଲା ବାଦୁଡ଼ିବସା

ନରାଜ,୨୨।୫(ଡି.ଏନ୍.ଏ.)



**ଚାଲିଯାଇଥିବା ବାଦୁଡ଼ିଙ୍କ ସୁରକ୍ଷାକୁ ନେଇ ଗ୍ରାମବାସୀ ଚିନ୍ତିତ**

ନରାଜ ଅଧୀନ ଇଞ୍ଜଣା ଗ୍ରାମରେ ବହୁପୁରୁଣା କାଳରୁ ରହି ଆସୁଥିବା ହଜାର ହଜାର ସଂଖ୍ୟକ ବାଦୁଡିମାନେ ଏବେ ଆଉ ଦେଖାଯାଉ ନାହାନ୍ତି। ଫନୀ ବାତ୍ୟାରେ କେତେକ ମୃତାହତ ହୋଇ ତଳେ ପଡିଥିବାବେଳେ ଅଧିକାଂଶ ବାଦୁଡି କେଉଁଆଡେ ଚାଲି ଯାଇଛନ୍ତି। ଇଞ୍ଜିଣା ଗ୍ରାମର ଶୋଭା ପାଉଥିବା ଏହି ବାଦୁଡିମାନଙ୍କ ସୁରକ୍ଷା ନେଇ ଗ୍ରାମବାସୀ ଏବେ ଚିନ୍ତା ପ୍ରକଟ କରିଛନ୍ତି। ଏ ବାବଦରେ ଭୁବନେଶ୍ୱର ସହରାଞ୍ଚଳର ଫରେଷ୍ଟ ଏସିଏଫ ଗୌର ଗୋପାଳ ସି କୁହନ୍ତି, ବାଦୁଡିମାନେ ଏଠାରେ ରହୁଥିଲେ ସତ। ଏମାନେ ରହୁଥିବା ବଡବଡ ଗଛଗୁଡିକ ବାତ୍ୟାରେ ଭାଙ୍ଗିଯାଇଥିବାରୁ ସେମାନେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିବେ। ଏବେ ବି କେତେକ ଗ୍ରାମରେ ପାତି, ହନୁ, ବାଲିହରିଣ, ବଗ, ଗେଣ୍ଡାଳିଆ ଏବଂ ବାଦୁଡି ଭଳି କିଛି ଜଙ୍ଗଲି ଜନ୍ତୁ ବହୁ ପୁରାତନ କାଳରୁ ରହି ଆସିଥାନ୍ତି। ପ୍ରାକୃତିକ ପରିବେଶ ଓ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ଏମାନେ ରହୁଥିବା ଗ୍ରାମରୁ ଅନ୍ୟତ୍ର ଯିବାକୁ ଚାହନ୍ତି ନାହିଁ। ଅନ୍ୟପଟେ ଗ୍ରାମବାସୀ ମଧ ପାରମ୍ପରିକ ଭାବନାରେ ଖାଦ୍ୟପେୟ ଦେବାସହ ସୁରକ୍ଷା ଦାୟିତ୍ୱ ନେଇଥାନ୍ତି। ଏଠାରେ ଅନେକ ଦିନରୁ ହଜାରହଜାର ସଂଖ୍ୟକ ବାଦୁଡି ରହିଆସୁଥିଲେ। ଗ୍ରାମର ଇଷ୍ଟ ଦେବୀ ମାଁ ଦୁଲ୍ଲାଦେଇ ମନ୍ଦିର ନିକଟରେ ଥିବା କଇଆଁ ଗଛ, କଦମ୍ବ ଗଛ ଡାଳରେ ଅସଂଖ୍ୟ ବାଦୁଡି ବସବାସ କରିଆସୁଥିଲେ। ପ୍ରତିଦିନ ସନ୍ଧ୍ୟାରେ ଚେଂ ଚାଂ ଶବ୍ଦ କରି ଦଳଦଳ ହୋଇ ଖାଦ୍ୟ ସଂଗ୍ରହ ପାଇଁ ଯାଉଥିବାବେଳେ ପୁଣି ସକାଳୁ ଫେରି ଏହି ଗଛଗୁଡିକରେ ଝୁଲି ରୁହନ୍ତି। ଏପରି ଭାବେ ଏକପ୍ରକାର ମନୋରମ ଦୃଶ୍ୟ ଏହି ଗ୍ରାମରେ ଦେଖିବାକୁ ମିଳିଥାଏ। ୧୯୯୯ ମହାବାତ୍ୟାରେ ମନ୍ଦିର ନିକଟରେ ଥିବା ଅଧିକାଂଶ ଗଛ ଭାଙ୍ଗିଗଲା ପରେ ମଧ ବାଦୁଡିମାନେ ଗ୍ରାମନିକଟସ୍ଥ ବଡବଡ ଚାକୁଣ୍ଡା ଗଛଗୁଡ଼ିକରେ ଆଶ୍ରୟନେଇ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ରହି ଆସୁଥିଲେ। କିନ୍ତୁ ଗତ ୩ ତାରିଖରେ ପ୍ରଳୟଙ୍କରୀ ଫନୀ ବାତ୍ୟାରେ ଏଠାରେ ଥିବା ବଡବଡ ଗଛ ସବୁ ଭାଙ୍ଗିଯାଇଛି। ଫଳରେ କେତେକ ବାଦୁଡି ମୃତାହତ ହୋଇତଳେ ପଡିଥିବା ବେଳେ ଅଧିକାଂଶ ଅନ୍ୟ କେଉଁଆଡେ ଚାଲି ଯାଇଛନ୍ତି। ଗ୍ରାମଟି ଏବେ ବାଦୁଡି ଶୂନ୍ୟ ହୋଇପଡିଛି। ତେବେ ଏମାନେ ଏବେ କେଉଁଆଡେ ଗଲେ ଏବଂ କେତେ ସୁରକ୍ଷିତ ଏହାକୁ ନେଇ ଗ୍ରାମବାସୀ ଚିନ୍ତିତ ହୋଇପଡିଛନ୍ତି। ଜଙ୍ଗଲ ବିଭାଗକୁ ଏମାନଙ୍କ ସୁରକ୍ଷା ପାଇଁ ନିବେଦନ କରିଛନ୍ତି।



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
- ଗଙ୍ଗାଧର ମେହେର



## ■ ଫନୀ ବେଳେ ବିଦ୍ୟାଳୟ ପାଲଟିଥିଲା ଅସ୍ଥାୟୀ ଆଶ୍ରୟସ୍ଥଳ

# ଏବେ ପାଲଟିଛି ଆବର୍ଜନାସ୍ଥଳ

■ ୧୧୯ ବିଦ୍ୟାଳୟରେ ଖୋଲାଯାଇଥିଲା ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ
■ ୧୭୭ ପ୍ରାଥମିକ ବିଦ୍ୟାଳୟ ଓ ୧୫ ଅଙ୍ଗନୱାଡି କେନ୍ଦ୍ର ପ୍ରଭାବିତ
■ ପଡ଼ି ରହିଛି ଭଙ୍ଗା ଗଛ ଓ ଆବର୍ଜନା

ନିଶ୍ଚିନ୍ତକୋଇଲି,୨୨।୫(ସ୍ୱ.ପ୍ର.)

ଫନୀ ବାତ୍ୟା ପାଇଁ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଖୋଲଯାଇଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ଏବେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ। ମାତ୍ର ଶିକ୍ଷା ବିଭାଗ ଅବା ପ୍ରଶାସନ ପକ୍ଷରୁ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବାର ଆଶଙ୍କା ରହିଛି ।

ସୂଚନାଯୋଗ୍ୟ, ଫନୀ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରାୟ ୧୧୯ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯାଇଥିଲା। ଇତିମଧ୍ୟରେ ବାତ୍ୟା ବିପନ୍ନମାନେ ଆଶ୍ରୟସ୍ଥଳୀ ଛାଡି ଘରକୁ ଫେରିଛନ୍ତି। କିନ୍ତୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଉନାହିଁ। ବାତ୍ୟାପରେ ଏହି ବିଦ୍ୟାଳୟଗୁଡିକରେ ଭଙ୍ଗା ଗଛ ଓ ଆବର୍ଜନା ପୂର୍ଣ୍ଣହୋଇ ରହିଛି। ମାତ୍ର ଏଥିପ୍ରତି ଶିକ୍ଷା ବିଭାଗ ଅବା ବ୍ଲକ ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯାଉ ନାହିଁ । ଅପରପକ୍ଷରେ ବାତ୍ୟା ପ୍ରଭାବରେ ବହୁ ବିଦ୍ୟାଳୟ ଭାଙ୍ଗିରୁଜି ଚୂର୍‌ମାର ହୋଇଯାଇଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ।

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ଥିବା ୧୭୭ଟି ପ୍ରାଥମିକ ବିଦ୍ୟାଳୟ ଓ ୧୫ଟି ଅଙ୍ଗନୱାଡି କେନ୍ଦ୍ର ଫନୀରେ ପ୍ରଭାବିତ ହୋଇଛି। ସେଥିରୁ ୧୩ ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଗୁଡିକ ମଧ୍ୟରେ ବ୍ଲକର ଜୁଲୁକିପଡା ଉର୍ଦ୍ଦୁ ବିଦ୍ୟାଳୟ, ତେନ୍ତୁଲପୁର ୟୁଜିଏମଇ, ସାଙ୍କିଲୋ ପ୍ରାଇମେରି, ନତକାଇ ବାଳିକା ବିଦ୍ୟାଳୟ, ଜମରା ୟୁଜିମଇ, ବାହାବଳପୁର ଉର୍ଦ୍ଦୁ, ତିଳଦା ପ୍ରାଇମେରି, ନଗସପୁର ପ୍ରାଇମେରି, ସଙ୍କୁତଳା ଭୂୟାଁ ବିଦ୍ୟାପୀଠ, ପାଳଦା ୟୁଜିଏମ୍‌ଇ,ହାଡିବନ୍ଧୁ ୟୁଜିଏମ୍‌ଇ,କଣ୍ଟାପାରୀ ପଞ୍ଚାୟତ ୟୁଜିଏମ୍‌ଇ ଓ ନିଶ୍ଚିନ୍ତକୋଇଲି ପ୍ରାଥମିକ ବିଦ୍ୟାଳୟ ଆଦି ରହିଛି। ଏହି ବିଦ୍ୟାଳୟଗୁଡିକରେ ଅଧ୍ୟୟନ କରୁଥିବା ଏକ ହଜାରରୁ ଊର୍ଦ୍ଧ୍ୱ ପିଲା କିପରି ଅଧ୍ୟୟନ କରିବେ ସେନେଇ ଏବେ ସନ୍ଦେହ ଉପୁଜିଛି। ଗତ ୩ରେ ଫନୀ ବାତ୍ୟାରେ ଏହି ବ୍ଲକ ଅନ୍ତର୍ଗତ ଅନେକ ବିଦ୍ୟାଳୟରେ ଥିବା ଛୋଟବଡ ଗଛ ସବୁ ଭାଙ୍ଗିଯାଇଥିଲା। ସେଗୁଡିକ ମଧ୍ୟରେ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷ ମଧ୍ୟ ରହିଥିଲା। ଫନୀ ବାତ୍ୟା ଅନେକ ବିଦ୍ୟାଳୟର ପରିବେଶକୁ ଛାରଖାର କରିଦେଇଛି । ଏହାଛଡା ଫନୀବାତ୍ୟାରେ ବିପଦସଙ୍କୁଳ ଅବସ୍ଥାରେ ରହୁଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ବ୍ଲକର ବହୁ ବିଦ୍ୟାଳୟକୁ ବାତ୍ୟା ଆଶ୍ରୟସ୍ଥଳଭାବେ ବ୍ୟବହାର କରାଯାଇଥିଲା। ବାତ୍ୟା ଛାଡ଼ିବା ପରେ ଏବେ ଲୋକେ ଘରକୁ ଫେରିଥିଲେ ମଧ୍ୟ ବିଦ୍ୟାଳୟ ପରିସରରେ ଗଦାଗଦା ଅଳିଆ ଆବର୍ଜନା ପଡିରହିଛି। ଏଠାରେ ଗୋରୁ ରହୁଥିବା ସ୍ଥାନରେ କୁଢ଼ କୁଢ଼ ଅଳିଆ ଦେଖିବାକୁ ମିଳୁଛି। ଆସନ୍ତା ୧୮ରେ ବିଦ୍ୟାଳୟଗୁଡିକ ଖୋଲିଥିବା ବେଳେ, ଏହା ପୂର୍ବରୁ ବିଦ୍ୟାଳୟ ପରିବେଶ ସଫା କରିବା ଓ ଭାଙ୍ଗିଯାଇଥିବା ବିଦ୍ୟାଳୟ ଗୃହଗୁଡିକର ପୁନରୁଦ୍ଧାର କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏପରି ନ ହେଲେ ଚଳିତ ବର୍ଷ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ କୁହନ୍ତି, ଫନୀ ବାତ୍ୟାରେ ବିଭିନ୍ନ ସ୍କୁଲରେ ଗଛ ଭାଙ୍ଗିପଡ଼ିଥିବା ବେଳେ ଅଳିଆ ଆବର୍ଜନା ସମଗ୍ର ପରିବେଶକୁ ଦୂଷିତ କରୁଛି। ବିଦ୍ୟାଳୟ ଖୋଲିବା ପୂର୍ବରୁ ଏଥିପ୍ରତି ଧ୍ୟାନଦେବା ଜରୁରୀ। ବିଡିଓ ସୁରେଶ ପ୍ରଧାନଙ୍କ କହିବାନୁସାରେ, ବ୍ଲକ ପ୍ରଶାସନ ପକ୍ଷରୁ କିଛି ବିଦ୍ୟାଳୟର କ୍ଷୟକ୍ଷତି ଆକଳନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍କୁଲ ଗୃହଗୁଡିକର ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ କରି ପୁନରୁଦ୍ଧାର କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟଜିତ ଦଳେଇ କୁହନ୍ତି, ପ୍ରଥମ ପର୍ଯ୍ୟାୟର ପ୍ରାଥମିକ କ୍ଷୟକ୍ଷତି ଖର୍ଚ୍ଚ ସମ୍ପର୍କିତ ବିବରଣୀ ସରକାରଙ୍କୁ ପ୍ରଦାନ କରାଯାଇଛି । ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ପୁନର୍ବାର କ୍ଷୟକ୍ଷତିର ଆକଳନ କରାଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏଗୁଡିକର ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ପ୍ରସ୍ତାବ ଦିଆଯିବ। ବ୍ୟୟ ବରାଦ ହେବା ପରେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହେବ।

## ବୈଶାଖୀ ସଂକୀର୍ତ୍ତନ ମେଳା ଉଦ୍‌ଯାପିତ

ବାଙ୍କୀ,୨୨।୫(ବି.ପ୍ର.)

ଡମପଡାଗଡ ଅନ୍ତର୍ଗତ ବାଗୁଆ ଶବର ସାହିରେ ଶନିବାର ତଥା ବୈଶାଖ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ସଂକୀର୍ତ୍ତନ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ୨୨ମଣ୍ଡଳୀୟ ଏହି ସଂକୀର୍ତ୍ତନ ମେଳାରେ ଆଖପାଖ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର ଲୋକେ ଯୋଗଦେଇଥିଲେ। ଏଥିରେ ଦେଉଳିଆ ପାଟଣା, କଣ୍ଟାବାଡ, ପିଠାଖିଆ, ଡାହାଣିଗାଡ଼ିଆ, ନୂଆକୂଅ, ବେହେଣ୍ଟାସାହି, ଢୋଲକାଠ, ଗୋବିନ୍ଦପୁର, ହାମିରା, ଭାଲୁଙ୍କା, ମୁଣ୍ଡଳି,ରାମଚଣ୍ଡୀ, ଭଗିପୁର, ଚାରିଘେରିଆ, ପାଥପୁର, କୁଶପଙ୍ଗି ଓ ବାଗୁଆ ଶବରସାହିର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ୪ଦିନ ବ୍ୟାପୀ ଏହି ନାମ ସଂକୀର୍ତ୍ତନ ପର୍ବକୁ ଅଧିକ ମନୋରଞ୍ଜନଧର୍ମୀ କରିବା ପାଇଁ ଗୌରୀ ଗଣନାଟ୍ୟ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ବାଗୁଆ ଗ୍ରାମ କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ସଂକ୍ଷେପରେ

### ମଧୁବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ

**ବାଙ୍କୀ,୨୨।୫(ବି.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତରେ ବାଙ୍କୀ ରାଜ୍ୟ ମଧୁବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିବ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ରାଜ୍ୟ କୁହାଯାଉଥିବା କଳାପଥର, କେନ୍ଦୁପଲ୍ଲୀ, ବୈଦେଶ୍ୱର, ବ୍ରହ୍ମପୁରା, ଅନୁଆରୀ, ଗୋଳାଗଣ୍ଡ, ପୁଇଁଚା, କାଳିପୋଇ, ନୂଆଗାଁ, ଶିମିଳିପୁର, ହରିରାଜପୁର, ରଗଡି, ତୁଳସୀପୁର, ଗୋପାଳପୁର, ଢ଼ଁସର, ବାଉଁଶପୁଟ ଓ ବନ୍ଦାଳ ଆଦି ଗ୍ରାମର ୨୫୦ରୁ ଉର୍ଦ୍ଧ୍ୱ ଗୁଆ ଭାଇ ଓ ସାହି ବେହେରା ଯୋଗଦେଇଥିଲେ। ଏଥିରେ ସମ୍ମିଳନୀ ସଭାପତି ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଧ୍ରୁବ ଚରଣ ସାହୁ ବିବରଣୀ ପାଠ କରିଥିଲେ। ସଭାରେ ଆୟ ବ୍ୟୟ ବିବରଣୀ ପାଠ କରାଯାଇ ମଧୁବୈଶ୍ୟ ସମାଜର ଶୃଙ୍ଖଳା, ବିକାଶ ଓ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରହ୍ଲାଦ ସୃଷ୍ଟି, ରାଜକିଶୋର ସାହୁ, ଅଦ୍ୱୈତ ସାହୁ ଓ ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### କିଡ଼ନୀ ରୋଗରେ ବୃଦ୍ଧ ମୃତ

**ତିଗିରିଆ, ୨୨।୫ (ଡି.ଏନ.ଏ.):** ବାଙ୍କୀ ଉତ୍ତର କୁଲାଟ ଅନ୍ତର୍ଗତ ବାଉଁଶପୁଟ ଗ୍ରାମର ସାମାଜିକ କର୍ମୀ ସପନି ପ୍ରଧାନ (୬୫)ଙ୍କ ବୁଧବାର କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଛି। ସେ ଗତ ୫ମାସ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ବୁଧବାର ନିଜ ବାସଭବନରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ଆଜିଠୁ ଚନ୍ଦନ ମହୋତ୍ସବ

**ବଡ଼ମ୍ବା, ୨୨।୫ (ଡ଼ି.ଏନ୍.ଏ.):** ବଡ଼ମ୍ବାରେ ଚାଲିଥିବା ପ୍ରସିଦ୍ଧ ଚନ୍ଦନ ଯାତ୍ରା ବୁଦ୍ଧବାର ୧୬ଦିନରେ ପହଞ୍ଚିଛି। ଏହି ଯାତ୍ରାରେ ଦିନକୁ ଦିନ ଲୋକଙ୍କ ଭିଡ଼ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାରଠାରୁ ଏଠାରେ ୫ଦିନ ବ୍ୟାପୀ ଚନ୍ଦନ ମହୋତ୍ସବ ପାଳନ କରାଯିବ ବୋଲି ମହୋତ୍ସବ କମିଟି ସଭାପତି ଦେବରାଜ ପାଙ୍ଗଶାଣୀ ସୂଚନା ଦେଇଛନ୍ତି। ଯାତ୍ରାର ଏହି ଦିନଗୁଡିକ ମଧ୍ୟରେ ଗୋପୀନାଥ ଦେବଙ୍କ ସମେତ ଅନ୍ୟାନ୍ୟ ଠାକୁରମାନେ ୧୬ଥର ଚାପ ଖେଳିଛନ୍ତି। ଏହି କାର୍ଯ୍ୟକ୍ରମକୁ ବଡ଼ମ୍ବା ଦେବୋତ୍ତର ବିଭାଗ ଓ ବଡ଼ମ୍ବା ଚନ୍ଦନ ମହୋତ୍ସବ କମିଟି କର୍ମକର୍ତ୍ତା ତଥା ଉପସଭାପତି ସୁଶାନ୍ତ କୁମାର ସେଠୀ, ସହସମ୍ପାଦକ ସେକ୍ ମାନୁଆର, କୋଷାଧ୍ୟକ୍ଷ ଦିବାକର ସାହୁ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମକୁ ମୁରଲୀଧର ମହାପାତ୍ର, ସରପଞ୍ଚ ସୁଧାଂଶୁ ଶେଖର ମହାନ୍ତି, ବୃନ୍ଦାବନ ପରିଡ଼ା, ଶ୍ୟାମସୁନ୍ଦିନ୍ ଖାଁ, ସୂର୍ଯ୍ୟକିଶୋର ମହାନ୍ତି ଓ ରଶ୍ମିରଞ୍ଜନ ରଥ ପ୍ରମୁଖ ତଦାରଖ କରୁଛନ୍ତି।

### ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ବୈଠକ

**ବାଙ୍କୀ,୨୨।୫(ବି.ପ୍ର):** ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘର ପ୍ରଥମ ଉପଦେଷ୍ଟା ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ଆୟୋଜିତ ଏହି ବୈଠକରେ ସଭାପତି ନୃସିଂହ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଂଘର ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏଥିରେ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରିୟନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଂଯୋଜକ କେଶବ ଚନ୍ଦ୍ର ବେହେରାଙ୍କ ସଞ୍ଚାଳନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିପିନ ବିହାରୀ ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଦେଶ ତଥା ଜାତି ସମ୍ପଦର ସମ୍ପଦ ବୋଲି ଅତିଥିମାନେ କହିଥିଲେ। ସେମାନଙ୍କର ସୁରକ୍ଷା ଓ ସମ୍ମାନ ପାଇଁ ଜନସଚେତନତା ଆବଶ୍ୟକ। ଏଥିପାଇଁ ସଂଘ ପକ୍ଷରୁ ଉଦ୍ୟମ କରାଯାଉଥିବା ନେଇ ବୈଠକରେ ଆଲୋକପାତ ହୋଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ ଡ. କୈଳାସ ଚନ୍ଦ୍ର ରଥ, ଡ. ଶରତ ଚନ୍ଦ୍ର ସ୍ୱାଇଁ, ଓକିଲ ହରେକୃଷ୍ଣ ଦାସ, ସରୋଜ ସାହୁ, ଶିବ ପ୍ରସାଦ ପଟ୍ଟନାୟକ, ନାରାୟଣ ଦାସ, ରାଜକିଶୋର ରାଉତ, ପ୍ରିୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡ. ବାବାଜୀ ଚରଣ ଶତପଥୀ ଉପସ୍ଥିତ ଥିଲେ। ଏଥିରେ ପ୍ରସନ୍ନ ପରିଡା, ରମେଶ ଚନ୍ଦ୍ର ମନ୍ତ୍ରୀ, ଅକ୍ଷୟ ସାହୁ, ମୁରଲିଧର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ ।

## ■ ମାଣିଆବନ୍ଧ ୯ମ ବୁଦ୍ଧ ମହୋତ୍ସବ ଉଦ୍‌ଯାପିତ

# କଳା, ସଂସ୍କୃତି ,ଐତିହ୍ୟ ଉପରେ ଗୁରୁତ୍ୱ



ବୁଦ୍ଧ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବଡ଼ମ୍ବା,୨୨।୫ (ଡି.ଏନ୍.ଏ.)

ଜିଲା ପ୍ରଶାସନ, ରାଜ୍ୟ ସଂସ୍କୃତି ବିଭାଗ ଓ ମାଣିଆବନ୍ଧ ବୌଦ୍ଧ ସଂଘ ମିଳିତ ଆନୁକୂଲ୍ୟରେ ଗତ ୫ଦିନ ଧରି ଚାଲିଥିବା ମାଣିଆବନ୍ଧ ୯ମ ବୁଦ୍ଧ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ମାଣିଆବନ୍ଧର କଳା, ସଂସ୍କୃତି ଓ ଐତିହ୍ୟ ଉପରେ ବିଶେଷ ସୂଚନା ପ୍ରଦାନ କରିଥିଲେ। ସେ ବୌଦ୍ଧ କାରିଗରଙ୍କର ଜୀବନ ଜୀବିକା ସମ୍ପର୍କରେ କହିଥିଲେ। ବୁଦ୍ଧ ମହୋତ୍ସବ କମିଟି ସଭାପତି ଚକ୍ରଧର ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ବକ୍ତାଭାବେ ଓଡ଼ିଶା ମାଇନୋରିଟି୍‌ସଂଘର ଆଇନ୍ ପରାମର୍ଶଦାତା ପ୍ରସନ୍ନ କୁମାର ନନ୍ଦ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ନରସିଂହପୁର ଓକିଲ ସଂଘର ବରିଷ୍ଠ ଆଇନ୍‌ଜୀବୀ ପ୍ରଫୁଲ୍ଲ ପଣ୍ଡା, ଲଳିତ କେଶରୀ ବିଶ୍ୱାଳ, ସାହିତ୍ୟିକ ତଥା ବିପ୍ଳବୀ କବି ଧ୍ରୁବ ରଣା, ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ମାଣିଆବନ୍ଧ ବୌଦ୍ଧ ସଂଘ ସଭାପତି ଅରକ୍ଷିତ ଦେବତା, ବୁଦ୍ଧ ମହୋତ୍ସବ କମିଟି ସଂଯୋଜକ ଲଚ୍ଛମନ ଦେବତା, ଉତ୍ସବ ନନ୍ଦୀ ଓ ବଡ଼ମ୍ବା ବ୍ଲକ୍ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ମହୋତ୍ସବ କମିଟି ସମ୍ପାଦକ ଆଇନ୍‌ଜୀବୀ ଅଜିତ୍ ପ୍ରସାଦ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ।

ଏହି ଅବସରରେ ଚଳିତ ବର୍ଷର ବୁଦ୍ଧ ମହୋତ୍ସବ ସ୍ମରଣିକା ୨୦୧୯କୁ ଉନ୍ମୋଚନ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବୈକୁଣ୍ଠ ପାତ୍ର, ହରିହର ଦେବତା (ମରଣୋତ୍ତର) , ଅଭିନଚନ୍ଦ୍ର ଦଳବେହେରା (ମରଣୋତ୍ତର), ଗୌରାଙ୍ଗ ଚରଣ ଦେବତା, କବି ଧ୍ରୁବ ରଣା, ଡ. ସୁରେନ୍ଦ୍ର କିଶୋର ରାଉତ, ସୁବ୍ରତ କୁମାର ନାହା ପ୍ରମୁଖ ଥିଲେ। କାର୍ଯ୍ୟକ୍ରମକୁ ଅରକ୍ଷିତ ପାତ୍ର, ଦେବରାଜ ପାତ୍ର, ରାଜ କିଶୋର ଦାଶ, ନିରଞ୍ଜନ ପାତ୍ର, ଲକ୍ଷ୍ମୀଧର ପାତ୍ର, ଦେବରାଜ ପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ । ପରେ କଳାହାଣ୍ଡି ଘୁମୁରା, ଖୋର୍ଦ୍ଧା ଅର୍ଜୁନପୁରର ଗୋଟିପୁଅ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ଉଦ୍‌ଯାପନୀ ମହୋତ୍ସବରେ ୧୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା।

## ଟାୱାର ବ୍ୟାଟେରି ଚୋରି ଘଟଣାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ନିଶ୍ଚିନ୍ତକୋଇଲି, ୨୨।୫( ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ଅନ୍ତର୍ଗତ ପାରସାଇଲୋ ଗ୍ରାମରେ ଥିବା ଏକ ଟେଲିଫୋନ ଟାୱାରରୁ ଚୋରି ଉଦ୍ୟମ କରୁଥିବା ପାଟକୁରା ଥାନା ଅନ୍ତର୍ଗତ ଶ୍ରୁତିପୁର ଗ୍ରାମର ସତ୍ୟବ୍ରତ ଜେନା(୩୦)ଙ୍କୁ ସ୍ଥାନୀୟ ଲୋକେ ଧରି ରବିବାର ପୋଲିସ ଜିମା ଦେଇଥିଲେ। ଏନେଇ ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ-୫୩/୧୯) ରୁଜୁ କରାଯାଇ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସତ୍ୟବ୍ରତ ଧରାପଡିବା ପରେ ପୋଲିସ ପକ୍ଷରୁ ତଦନ୍ତକାରୀ ଅଧିକାରୀ ନୃସିଂହ ଚରଣ ଜଗତି ପଚରାଉଚୁରା କରିଥିଲେ। ଏହି ସମୟରେ ସତ୍ୟବ୍ରତ ନିଜ ଦୋଷ ସ୍ୱୀକାର କରିଛନ୍ତି। ସେ ଅନ୍ୟ ୨ଟି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଛି। ସରପଡା ଗ୍ରାମର ଟାୱାରରୁ ଯନ୍ତ୍ରାଂଶ ଚୋରି ଓ କଲେଜଛକ ତାରିଣୀ ମନ୍ଦିରରେ ହୋଇଥିବା ଚୋରିରେ ସେ ସମ୍ପୃକ୍ତ ଥିବା କହିଛନ୍ତି । ଏନେଇ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

## ଭୋଟ ଗଣତି ପାଇଁ ଜିଲାର ୩ କେନ୍ଦ୍ର ପ୍ରସ୍ତୁତ

■ ୮୮୬ କର୍ମଚାରୀ ନିୟୋଜିତ
■ ଗଣତି କେନ୍ଦ୍ରକୁ ମୋବାଇଲ ଫୋନ୍ ନିଷେଧ

କଟକ ଅଫିସ, ୨୨।୫

ଗୁରୁବାର ସାଧାରଣ ନିର୍ବାଚନର ଭୋଟ ଗଣତି। ଜିଲାର ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂ (ବୋଷ), ଆଠଗଡ଼ର ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟ ଗଣତି କରାଯିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବୋଷଠାରେ ମାହାଙ୍ଗା, ନିଆଳି, ସାଲେପୁର, କଟକ ସଦର, ବାରବାଟୀ-କଟକ, ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି କରାଯିବ। ସେହିପରି ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ଆଠଗଡ଼ ଓ ବଡ଼ମ୍ବା ନିର୍ବାଚନମଣ୍ଡଳୀର ଭୋଟ ଗଣତି ହେବାକୁ ଥିବାବେଳେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଙ୍କୀ ନିର୍ବାଚନମଣ୍ଡଳୀର ଭୋଟ ଗଣତି କାର୍ଯ୍ୟ କରାଯିବ। ମାହାଙ୍ଗା ନିର୍ବାଚନମଣ୍ଡଳୀ ପାଇଁ କେବଳ ୮ଟି ଟେବୁଲରେ ଭୋଟ ଗଣତି ହେବାକୁ ଥିଲାବେଳେ ବାକି ସବୁ ବିଧାନସଭା ଆସନ ଲାଗି ୭ଟି ଲେଖାଏ ଟେବୁଲ ବ୍ୟବସ୍ଥା କରାଯାଇଛି। ଗଣତି ପ୍ରକ୍ରିୟା ସକାଳ ୮ଟାରୁ ଆରମ୍ଭ ହେବ। ଏହି କାର୍ଯ୍ୟରେ ୩୦୬ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ, ୨୭୦ ଜଣ କାଉଣ୍ଟିଂ ସୁପରଭାଇଜର, ୩୧୦ ଜଣ ମାଇକ୍ରୋ ଅବଜରଭରଙ୍କୁ ମିଶାଇ ମୋଟ ୮୮୬ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗଣତି କେନ୍ଦ୍ରର ଗୃହଗୁଡିକୁଶୀତତାପ ନିୟନ୍ତ୍ରିତ କରାଯାଇଛି। ଗଣତି କେନ୍ଦ୍ର ମଧ୍ୟକୁ ମୋବାଇଲ ଫୋନକୁ ନିଷିଦ୍ଧ କରାଯାଇଛି। ଗଣତି କେନ୍ଦ୍ର ବାହାରେ ଉପସ୍ଥିତ ଜନତାଙ୍କୁ ଭୋଟ ଫଳାଫଳ ଜଣାଇବା ନିମନ୍ତେ ଡାକବାଜି ଯନ୍ତ୍ରର ବ୍ୟବସ୍ଥା କରାଯାଇଛି। ପ୍ରତି ରାଉଣ୍ଡ ଗଣତି ଶେଷରେ ଫଳାଫଳ ଘୋଷଣା କରାଯିବ। ଗଣତି କେନ୍ଦ୍ରକୁ ସିସିଟିଭି ବଳୟ ମଧ୍ୟରେ ରଖାଯାଇଥିଲା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ରେଗେଡ଼ାପଡ଼ା ହତ୍ୟା ଘଟଣା: ୩ ଅଭିଯୁକ୍ତ ଗିରଫ

ଆଠଗଡ଼,୨୨।୫(ସ୍ୱ.ପ୍ର.)

ଆଠଗଡ଼ ଥାନା ଖୁଣ୍ଟକଟା ପଞ୍ଚାୟତ ଅଧୀନ ରେଗେଡ଼ାପଡ଼ା ଗ୍ରାମର ମନୋଜ ନାୟକଙ୍କ ହତ୍ୟାକାଣ୍ଡ ଘଟଣାରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ସମସରପୁର ଓ ତିଗିରିଆ ଅଞ୍ଚଳର କଙ୍କଡି ସ୍ୱାଇଁ, ଗଙ୍ଗାଧର ସ୍ୱାଇଁ ଓ ଗୁରୁବାରି ନାଥ। ଗତ ୭ ତାରିଖରେ ରେଗେଡାପଡା ଗ୍ରାମରେ ଯାତ୍ରା ଅନୁଷ୍ଠିତ ହେଉଥିଲା। ଏହାକୁ ଦେଖିବାକୁ ମନୋଜ ଆସିଥିଲେ। ଏହି ସମୟରେ ରେଗେଡାପଡା ଗ୍ରାମର କିଛି ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ୯ ତାରିଖରୁ ମନୋଜଙ୍କ ପତ୍ତା ମିଳୁ ନ ଥିଲା। ୧୦ ତାରିଖ ସକାଳୁ ଯାତ୍ରାପଡିଆ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏନେଇ ପରିବାର ଲୋକେ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନାରେ ମାମଲା (ନଂ-୧୧୦/୧୯) ରୁଜୁ ହୋଇଥିଲା। ଏନେଇ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। କୌଣସି ସୂତ୍ରରୁ ଖବରପାଇ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ପକ୍ଷରୁ ସ୍ଥାନୀୟ ସମସରପୁର ଓ ତିଗିରିଆ ଅଞ୍ଚଳରେ ଅଚାନକ ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ■ ଭୋଟ ଗଣତି ପାଇଁ ପ୍ରସ୍ତୁତି ଶେଷ

# ଆଶା ଆଶଙ୍କାରେ ପ୍ରାର୍ଥୀ, ସମର୍ଥକ

ଆଠଗଡ଼,୨୨।୫(ସ୍ୱ.ପ୍ର.)

ଭୋଟ ଗଣତି ପାଇଁ ଆଠଗଡ଼ ଉପଖଣ୍ଡ ସଦର ମହକୁମାରେ ବୁଧବାର ପ୍ରସ୍ତୁତି ଶେଷ ହୋଇଛି। ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଉଭୟ ବଡ଼ମ୍ବା ଓ ଆଠଗଡ଼ ନିର୍ବାଚନମଣ୍ଡଳୀ ସମେତ ଲୋକ ସଭା ପ୍ରାର୍ଥୀଙ୍କର ମଧ୍ୟ ଭୋଟ ଗଣତି ହେବ। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବଡ଼ମ୍ବା ବିଧାନସଭା ଆସନ ପାଇଁ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନେ ହେଲେ ବିଜେଡିର ଦେବୀପ୍ରସାଦ ମିଶ୍ର, କଂଗ୍ରେସର ବବି ମହାନ୍ତି, ଭାଜପାର ବିଜୟ କୁମାର ଦଳବେହେରା, ବହୁଜନ ସମାଜ ପାର୍ଟିରୁ ସୁବାସ କୁମାର ସାହୁ, ସ୍ୱାଧୀନ ପ୍ରାର୍ଥୀ ଯୁଗଳକିଶୋର ରାଉତ, ପରେଶ କୁମାର ବେହେରା, ମନୋଜ କୁମାର ନନ୍ଦ, କିଶୋର କୁମାର ଜେନା, ପ୍ରିୟରଞ୍ଜନ ପ୍ରତାପ ସିଂହ ଓ ନିତ୍ୟାନନ୍ଦ ଖଟୁଆ। ସେହିପରି ଆଠଗଡ଼ ନିର୍ବାଚନମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ହେଲେ ବିଜେଡିର ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଂଗ୍ରେସ ଉମାବଲ୍ଲଭ ରଥ, ଭାଜପାର ବ୍ରଜେନ୍ଦ୍ର କୁମାର ରାୟ, ବହୁଜନ ସମାଜ ପାର୍ଟିର ସୁବାସ କୁମାର ସାହୁ, କୃପା ପାର୍ଟିର ବିଶ୍ୱଜିତ ସାହୁ, ଆମ୍ବେଦକର ଜାତୀୟ କଂଗ୍ରେସର ମୁସ୍ତାକ ହୁସେନ। ସେହିପରି ସ୍ୱାଧୀନ ପ୍ରାର୍ଥୀଭାବେ ରଶ୍ମିରଞ୍ଜନ ପରିଡା, ହୃଦାନନ୍ଦ ମହାପାତ୍ର, ଅଭୟ କୁମାର ରାଉତ ଓ ଅଭୟ କୁମାର ବାରିକ ପ୍ରମୁଖ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ମତଦାନ ପରେ ଏହି ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ ମେଶିନରେ ସିଲ ହୋଇ ରହିଛି। ଏନେଇ ଗୁରୁବାର ଭୋଟ ଗଣତି ପୂର୍ବରୁ ପ୍ରାର୍ଥୀ ଓ ସମର୍ଥକ ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି। ବିଜୟ ଆଶାରେ ପ୍ରାର୍ଥୀମାନେ ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା ଜାରି ରଖିଛନ୍ତି।



ପ୍ରଶାସନ ପକ୍ଷରୁ ଭୋଟ୍ ଗଣତି ପାଇଁ ପ୍ରସ୍ତୁତି ଚାଲିଛି।

# ବିଦ୍ୟୁତ୍ ପାଇଁ ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ

ରଘୁନାଥପୁର,୨୨।୫(ଡି.ଏନ୍.ଏ.)

ବାତ୍ୟାର ୨୧ଦିନ ପରେ ବି ବିଦ୍ୟୁତ ନ ପାଇବା ଗାଁଗୁଡିକରେ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବାରୁ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ରଘୁନାଥପୁର ଅଞ୍ଚଳବାସୀ। ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଇବାରେ ସେସୁ ଓ ଏନଜେନ୍ କମ୍ପାନୀ ବିଫଳ ହେବାରୁ ରଘୁନାଥପୁରର ତାରପୁର, ଚିକିଣିଆ ଓ ଗୁଆଳିପୁର ପଞ୍ଚାୟତବାସୀ ବୁଧବାର ପୁଣି ତାରପୁର ବାଇପାସଠାରେ ରାସ୍ତାରୋକୋ କରିଛନ୍ତି। ବାତ୍ୟା ପରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ଅଗ୍ରଗତି ନ ହେବାରୁ ୧୩ତାରିଖରେ ଉକ୍ତ ୩ପଞ୍ଚାୟତବାସୀ ରାସ୍ତା ଅବରୋଧ କରିଥିଲେ। ସେସୁ ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରି ଓ ଏନଜେନ ଏସଡିଓ ସୁନୀଲ କୁମାର ସାହୁ ୪ଦିନ ମଧ୍ୟରେ ଲାଇନ ସଂଯୋଗ କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ହଟିଥିଲେ। ତେବେ ପୁନରୁଦ୍ଧାର କାର୍ଯ୍ୟରେ ଶିଥିଳତା ଯୋଗୁ ପ୍ରତିଶ୍ରୁତି ଦେବାର ୮ଦିନ ପରେ ପୁଣି ଉକ୍ତ ଗ୍ରାମବାସୀ ରାଜରାସ୍ତାକୁ ଆସି ରାତି ସୁଦ୍ଧା ଲାଇନ ଜଳାଇବା ପାଇଁ ଦାବି କରିଥିଲେ। ଏପରି କି ସକାଳ ୬ଟା ୩୦ରୁ ରାସ୍ତା ଉପରେ ବସିରହି ଲାଇନ ନ ଆସିବା ପର୍ଯ୍ୟନ୍ତ ଉଠିବୁ ନାହିଁ ବୋଲି ଜିଦ୍ ଧରିଥିଲେ। ପରେ ଘଟଣାସ୍ଥଳରେ ରଘୁନାଥପୁର ଆଇଆଇସି ବବିତା ଦଳାଇ ଓ ଡିଏସ୍‌ପି ଡି.ଆର୍ ଜେନା ପହଞ୍ଚି ଫୋନେ ଯୋଗେ ସେସୁର ଜଗତ୍‌ସିଂହପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗଦିଶ ସାହୁଙ୍କ ସହ ଆଲୋଚନା କରିଥିଲେ। ଉଭୟ ପୋଲିସ ଅଧିକାରୀ ଗୁରୁବାର ସୁଦ୍ଧା ବଜାରରେ ଲାଇନ ଆସିବା ଏବଂ ସେସୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ଧ୍ୟା ୫ଟା ସୁଦ୍ଧା ଏଠାରେ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରିବାର ପ୍ରତିଶ୍ରୁତି ଦେବା ପରେ ପ୍ରାୟ ଧାରଣାର ୬ଘଣ୍ଟା ପରେ ଉତ୍ୟକ୍ତ ଲୋକେ ରାସ୍ତାରୁ ହଟିଥିଲେ।



ତାରପୁର ବାଇପାସ୍ ନିକଟରେ କଟକ-ପାରାଦୀପ ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ।

### ଆଜି ଲାଇନ ନ ଆସିଲେ ପୁଣି ଆନ୍ଦୋଳନ

ଯଦି ଗୁରୁବାର ଏହି ୩ଟି ଗ୍ରାମକୁ ବିଦ୍ୟୁତ ସଂଯୋଗ ନ ହୁଏ, ତେବେ ପୁଣି ଆନ୍ଦୋଳନପନ୍ଥା ଆପଣାଇବୁ ବୋଲି ଧାରଣାରେ ବସିଥିବା ମଧୁ ସାହୁ, ଉମା ପରିଡା, ପବିତ୍ର ନାୟକ ଆଦି ଗ୍ରାମବାସୀ କହିଛନ୍ତି। ଅପରାହ୍ନରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସାହୁ ତାରପୁରଠାରେ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରି ଅଧିକ ବିଦ୍ୟୁତ ସାମଗ୍ରୀ ଓ ଅଧିକ ଲୋକ ଯୋଗାଇ ଦେବା ପାଇଁ କହିଥିଲେ। ଏହାସହ ବିଭିନ୍ନ ସ୍ଥାନକୁ ବୁଲି ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଏ ନେଇ ରାଜ୍ୟ ବିଜେଡି କୃଷକ ମୋର୍ଚ୍ଚାର ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ କୁହନ୍ତି, ସାଧାରଣ ଜନତାଙ୍କ ସହଯୋଗରେ ଗତ ୪ଦିନ ମଧ୍ୟରେ ୭୫ଟି ଖୁଣ୍ଟ ୧୧କେଭି ମରାମତି ପାଇଁ ରଖିଥିଲେ ସୁଦ୍ଧା ସମ୍ପୃକ୍ତ ବିଭାଗ ପକ୍ଷରୁ ସାମଗ୍ରୀ ଯୋଗାଇବାରେ ହେଉ କିମ୍ବା କର୍ମଚାରୀ ଅଭାବ ଯୋଗୁ ପୁନରୁଦ୍ଧାର କାର୍ଯ୍ୟ ଠିକ ଭାବେ ହୋଇପାରୁନି ବୋଲି କହିଛନ୍ତି। ଅନୁଧ୍ୟାନ ସମୟରେ ଗ୍ରାମର ସରପଞ୍ଚ ସରୋଜ କୁମାର ଦାସ, ମଧୁ ସାହୁ, ଉମା ପରିଡା, ପବିତ୍ର ନାୟକ, ତ୍ରିଲୋଚନ ମହାପାତ୍ର, ଭୂପତି ନାୟକ, ସନ୍ତୋଷ ବାରିକ, ମୁନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା
ଲୋକ କେବଳ ଧନ ନୁହେଁ, ଯଶ ମଧ୍ୟ ଲାଭ କରେ।
- ଗଙ୍ଗାଧର ମେହେର



## ସଂକ୍ଷେପରେ

### ନାବାଳିକା ଗର୍ଭବତୀ: ଅଭିଯୁକ୍ତ ଗିରଫ

କଣାସ ୨୨।୫(ଡି.ଏନ୍.ଏ.)-ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲିଟିଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ନାବାଳିକାଙ୍କ ବାପା ରାଜ୍ୟ ବାହାରେ ରହି କାମ କରୁଥିବାବେଳେ ମା' ଗାଁରେ କାମ କରି ଗୁଜରାଣ ମେଣ୍ଟାନ୍ତି। ନାବାଳିକା ଜଣକ ନିଜ ପଡ଼ିଶା ଘରକୁ ଯିବାଆସିବା କରିବା ସମୟରେ ସମ୍ପର୍କୀୟ ଭାଇଙ୍କର ତାଙ୍କ ଉପରେ ଦୃଷ୍ଟି ପଡ଼ିଥିଲା। ପରେ ସେ ନାବାଳିକାଙ୍କ ସହ ବଳପୂର୍ବକ ଶାରିରୀକ ସମ୍ପର୍କ ରଖିଥିଲେ। ଏ ସଂକ୍ରାନ୍ତରେ କାହାକୁ କହିଲେ ଜୀବନରେ ମାରିଦେବା ପାଇଁ ଧମକ ଦେଉଥିଲେ। ହଠାତ ନାବାଳିକାଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ସେ ୫ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ନେଇ ନାବାଳିକାଙ୍କ ମା'ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଡେଲାଙ୍ଗ ପୋଲିସ ଏକ ମାମଲା (ନଂ ୯୪/୧୯ ) ରୁଜୁ କରି ଅଭିଯୁକ୍ତ ଯୁବକ କୃଷ୍ଣଚନ୍ଦ୍ର ଦାସ (୩୧)ଙ୍କୁ ଗିରଫ କରିଛି। ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି। କୃଷ୍ଣଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳିକାଙ୍କୁ ସେଲ୍ଟର ହୋମ୍‌ରେ ରଖାଯାଇଛି।

### ଦଧିବାମନ ଜୀଉଙ୍କ ଚନ୍ଦନ ଯାତ୍ରା

ବେଗୁନିଆ,୨୨।୫(ଡି.ଏନ୍.ଏ.): ଆଧୁନିକତାର ଚାକଚକ୍ୟ ମଧ୍ୟରେ ଗାଁ ଗହଳିର ଲୋକେ ଏବେ ବି ବହୁ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ବେଗୁନିଆ ଦଧିବାମନ ଜୀଉଙ୍କ ଚନ୍ଦନ ଯାତ୍ରା ଅନ୍ୟତମ। ୨୧ଦିନ ଧରି ପାଳନ ହେଉଥିବା ଏହି ଯାତ୍ରାକୁ ଶ୍ରଦ୍ଧାଳୁମାନେ ପାଳି କରି ଚଳାଉଛନ୍ତି। ଘରୁଆ ପାଳି, ଥାନା ପାଳି ଓ ସାହି ପାଳି ଭାବେ ଏହି ଉତ୍ସବ ପାଳନ ହୋଇଥାଏ। ତେବେ ସେଥିମଧ୍ୟରୁ ଥାନା ପାଳିର ଏକ ସ୍ୱତନ୍ତ୍ର ଖଂଜା ବଞ୍ଚି ରହିଛି। ଏହି ଅବସରରେ ବେଗୁନିଆ ଦଧିବାମନ ଜୀଉଙ୍କ ପୀଠ ପରିସର ଉତ୍ସବ ମୁଖର ହୋଇପଡିଥିଲା। ମଙ୍ଗଳବାର ରାତିରେ ଥାନା ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଜା, ବାଣ ଓ ପଟୁଆରରେ ଠାକୁରଙ୍କୁ ଦୋଳ ବିମାନରେ ବସାଇ ବେଗୁନିଆ ବଜାର ଶୋଭାଯାତ୍ରା କରିବା ପରେ ବଡ ପୋଖରୀଠାରେ ଠାକୁରଙ୍କ ଚାପ ଖେଳ ହୋଇଥିଲା। ପ୍ରାୟ ୭୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି। ପୋଖରୀ ନିକଟରେ ବିଭିନ୍ନ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ବାଘବାଘୁଣି, କଳଘୋଡା ଆଦି ବିଭିନ୍ନ ବେଶରେ ନୃତ୍ୟ ପରିବେଷଣ କରାଯାଇଥିଲା। ସୂଚନାଥାଉ କି, ଅକ୍ଷୟ ତୃତୀୟାଠାରୁ ଏହି ଯାତ୍ରା ଆରମ୍ଭ ହୋଇ ୨୧ଦିନ ପର୍ଯ୍ୟନ୍ତ ଚାଲିଥାଏ।

### ୨ଛାତ୍ରୀଙ୍କ କୃତିତ୍ୱ

ନିରାକାରପୁର,୨୨।୫(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ଜଣ ଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ୧ ଗ୍ରେଡ୍‌ରେ ୯୦ପ୍ରତିଶତ ମାର୍କ ରଖିଥିବା ଏହି ଛାତ୍ରୀଦ୍ୱୟ ହେଲେ ପ୍ରତୀକ୍ଷା ମିଶ୍ର ଓ ଶୁଭଶ୍ରୀ ସାହା। ଉଭୟ ୫୪୦ମାର୍କ ରଖିଛନ୍ତି। ଆଗାମୀ ଦିନରେ ଭଲ ପାଠ ପଢି ଶୁଭଶ୍ରୀ ଆଇଏଏସ୍ ଓ ପ୍ରତୀକ୍ଷା ଡାକ୍ତର ହେବା ପାଇଁ ଆଶା ରଖିଛନ୍ତି।

■ ଘରଭଙ୍ଗାର ଯୁଗ୍ମ ତଦନ୍ତ ଶେଷ

# ଅନିୟମିତତା ନେଇ ଜିଲାପାଳଙ୍କୁ ଫେରାଦ୍

ଖୋର୍ଦ୍ଧା ଅଫିସ, ୨୨।୫



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଅଣ୍ଡା ଗ୍ରାମର ବାସିନ୍ଦା।

ଘରଭଙ୍ଗାର ଯୁଗ୍ମ ତଦନ୍ତ ମଙ୍ଗଳବାର ଶେଷ ହୋଇଛି। ସର୍ଭେରେ ଅନିୟମିତତା ନେଇ ବୁଧବାର ଖୋର୍ଦ୍ଧା ତହସିଲର ଅଣ୍ଡା ଗ୍ରାମ ଓ ବେଗୁନିଆ ତହସିଲର ରାଉତପଡା ପଞ୍ଚାୟତ କୋତଲାଙ୍ଗ ଉତ୍ତେରଶ୍ୱେରୀ ଗ୍ରାମର ବିପନ୍ନମାନେ ଜିଲାପାଳଙ୍କୁ ଭେଟି ଫେରାଦ୍ ହୋଇଛନ୍ତି। ଅଣ୍ଡା ଗ୍ରାମର ବିପନ୍ନ ପ୍ରତାପ ରାଉତରାୟ କୁହନ୍ତି, ବାତ୍ୟା ଆସିବା ପୂର୍ବରୁ ସ୍କୁଲଘରକୁ ଯାଇଥିଲୁ। ସ୍କୁଲରେ ଥିବାବେଳେ ବାତ୍ୟାରେ ଭାଙ୍ଗିଗଲା ଘର। ଭଙ୍ଗାଘର ନିରାପଦ ନ ଥିବାରୁ ମୋ ପରି ଯୋଗେନ୍ଦ୍ର ରାଉତରାୟ, ଗଣେଶ ରାଉତରାୟ ଓ ହାଲୁ ରାଉତରାୟ ମଧ୍ୟ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ଆମ୍ଭେମାନେ ୫୦କେଜି ଚାଉଳ, ୨ହଜାର ଟଙ୍କା ରିଲିଫ୍ ସହାୟତା ପାଇଛୁ। କିନ୍ତୁ ପଲିଥିନ୍ ପାଇଲୁ ନାହିଁ କି ପଲିଥିନ୍ ବାବଦ ଟଙ୍କା ପାଇଲୁ ନାହିଁ । ଘର ଭାଙ୍ଗିଥିଲେ ମଧ୍ୟ ଆମ୍ଭମାନଙ୍କ ନାଁ ତାଲିକାରେ ନାହିଁ। ଗଜେନ୍ଦ୍ର ମହାରଣା କୁହନ୍ତି, ଗାଁରେ ନ ଥିଲି। ହାର୍ଟ ଅପରେଶନ ପରେ ଗ୍ରାମକୁ ଫେରିଥିଲି। ଗାଁକୁ ଫେରି ଦେଖିଲି ବାତ୍ୟାରେ ଘର ଭାଙ୍ଗି ଯାଇଛି। ତଦନ୍ତକାରୀ ଦଳ ମୋ ନାଁ ଘରଭଙ୍ଗା ତାଲିକାରେ ସାମିଲ କରି ନାହାନ୍ତି। ଏ ନେଇ ଜିଲାପାଳ ଭୂପିନ୍ଦର ସିଂ ପୁନିଆ କୁହନ୍ତି, କେହି ବିପନ୍ନ ଉପେକ୍ଷିତ ହେବେନାହିଁ। ଅନ୍ୟପକ୍ଷରେ ଘରଭଙ୍ଗା ତାଲିକାରେ ଅନିୟମିତତା କରୁଥିବା ତଦନ୍ତକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

### ୧ହଜାର ଟଙ୍କା ଦେଲେ ନାଁ ସାମିଲ ହେବ

୧ହଜାର ଟଙ୍କା ଦେଲେ ଘରଭଙ୍ଗା ତାଲିକାରେ ନାଁ ରହିବ। ଟଙ୍କା ନ ଦେଲେ ନାଁ ଚଢ଼ିବ ନାହିଁ। ଏପରି ଅଭିଯୋଗ ଆଣିଛନ୍ତି ବେଗୁନିଆ ତହସିଲର ରାଉତପଡା ପଞ୍ଚାୟତ କୋତଲାଙ୍ଗ ଉତ୍ତେରଶ୍ୱେରୀ ଗାଁର ବାତ୍ୟା ବିପନ୍ନ ପରିବାର। ଝରୀ ଜେନା କୁହନ୍ତି, ମୋ ଘର ଭାଙ୍ଗିଛି। ହେଲେ ମୋ ନାଁ ଘରଭଙ୍ଗା ତାଲିକାରେ ନାହିଁ । ନାଁ ସାମିଲ କରିବାକୁ ୧ ହଜାର ଟଙ୍କା ଆର୍‌ଆଇ ମାଗିଲେ ବୋଲି କହିଛନ୍ତି। ସେହିପରି ରାଜି ଜେନା କୁହନ୍ତି, ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଆମେ ସରକାରୀ ଜମିରେ ଘର କରି ରହି ଆସିଛୁ। ଏ ଯାବତ ଆମ ନାଁରେ ପଟ୍ଟା ହୋଇପାରି ନାହିଁ । ଆରଆଇ ଘରବାରିର ପଟ୍ଟା ମାଗିଲେ। ପଟ୍ଟା ନାହିଁ କହିବାରୁ ୧ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ନାଁ ସାମିଲ ହୋଇପାରିବ ନାହିଁ ବୋଲି ବାଦ୍ ଦେଲେ। ଅନ୍ୟପକ୍ଷରେ ଏ ନେଇ ବେଗୁନିଆ ଆର୍‌ଆଇ ବିଜୟ କୁମାର ମାର୍ଥା କୁହନ୍ତି, ୧ ହଜାର ଲାଞ୍ଚ ଟଙ୍କା ମାଗିବା ସମ୍ପର୍କରେ ମୁଁ ଜାଣିନି। କୋତଲାଙ୍ଗ ଉତ୍ତେରଶ୍ୱେରୀ ଗାଁକୁ କେଉଁ କର୍ମଚାରୀ ତଦନ୍ତରେ ଯାଇଥିଲେ ଘଟଣାର ଅନୁଧ୍ୟାନ କରି ତ୍ୱରିତ ପଦକ୍ଷେପ ନେବି। ବିପନ୍ନ ଯେପରି ବାଦ୍ ନ ପଡିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ମୁଁ ନିଜେ ଏହାର ତଦନ୍ତ କରିବି ବୋଲି କହିଛନ୍ତି।

### ଗୃହ କାର୍ଯ୍ୟାଦେଶ ପାଇଁ ଭଙ୍ଗା ଯାଉଛି ଘର

ବାତ୍ୟା 'ଫନୀ'ରେ ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷତି ଘଟିଛି। ବାତ୍ୟାରେ ଘର ଭାଙ୍ଗିଥିବା ପରିବାରଙ୍କୁ ସହାୟତା ମିଳିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ଦିଆଯିବାର ରହିଛି । କାର୍ଯ୍ୟାଦେଶ ପାଇବା ପାଇଁ କେତେଜଣ ଲୋକ ନିଜ ଘରକୁ ଭାଙ୍ଗି ଦେଇ ତଦନ୍ତକାରୀ ଦଳକୁ ଡକାଇ ଘର ବୁଲାଇ କାର୍ଯ୍ୟାଦେଶ ହାତେଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଜଣେ ବ୍ୟକ୍ତି ନିଜ ନାଁ ଗୋପନ ରଖି କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାରୀ ସୁବିଧା ନେଇ ନ ପାରିଲେ ଆଗକୁ ମିଳିବ ନାହିଁ । ଏଣୁ ଯେନତେନ ପ୍ରକାରେ ସରକାରୀ ସହାୟତା ଓ ଗୃହ କାର୍ଯ୍ୟାଦେଶ ହାତେଇ ନେଲେ ଅସୁବିଧା ନାହିଁ । ମାଗଣାରେ ଘର କାର୍ଯ୍ୟାଦେଶ ମିଳୁଥିବାରୁ କିଛି ଖର୍ଚ୍ଚ କରିଦେଲେ ଅସୁବିଧା କେଉଁଠି ରହିଲା। ଏଥିରେ ସମସ୍ତେ ଉପକୃତ ହେବେ ।

# ଆକାଉଣ୍ଟରୁ ୪୧ହଜାର ଗାଏବ

ଖୋର୍ଦ୍ଧା ଅଫିସ, ୨୨।୫

ବାଲୁଗାଁ ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମର ବିବୁଧ ଭୂଷଣ ପଲେଇଙ୍କ ଆକାଉଣ୍ଟରୁ ୪୧ହଜାର ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଗ୍ରହଣ କରିଥିଲେ ମଧ୍ୟ ମାମଲା ରୁଜୁ କରୁ ନାହିଁ। ଏହା ସହ ବିବୁଧଙ୍କୁ ପୋଲିସ ଆଜି ଆସ, କାଲି ଆସ କହି ପ୍ରାୟ ୨୨ଦିନ ଦୌଡାଇଲାଣି। ଅଭିଯୋଗ ଅନୁଯାୟୀ, ବିବୁଧଙ୍କର ଆଙ୍ଗୁଲା ଷ୍ଟେଟ ବ୍ୟାଙ୍କ ଶାଖାରେ ୨୦୨୨୧୧୬୯୭୧୭ନଂ. ରେ ଆକାଉଣ୍ଟ ରହିଛି। ଗତ ୩୦ତାରିଖରେ ୧୦ହଜାର ଓ ପରେ ୩୧ହଜାର ମୋଟ୍ ୪୧ହଜାର ଟଙ୍କା ଗାଏବ ହୋଇଯାଇଥିଲା। ହେଲେ ବିଭୂଧ ଜାଣି ପାରି ନ ଥିଲେ। ଟଙ୍କା ଗାଏବ ଦିବସରେ ବିବୁଧ ଆଇଡିବିଆଇ ବ୍ୟାଙ୍କ ବାଲୁଗାଁରୁ ଏଟିଏମ୍ ଯୋଗେ ୫୦୦ଟଙ୍କା ଉଠାଇବା ପରେ ତାଙ୍କର ୭୨ଟଙ୍କା ବାଲାନ୍ସ ଦେଖି

**ପୋଲିସ କରୁନି ମାମଲା ରୁଜୁ**

ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବକେୟା ୪୧ହଜାର ଟଙ୍କା କୁଆଡେ ଗଲା ଜାଣିବା ପାଇଁ ବ୍ୟାଙ୍କକୁ ଯାଇଥିଲେ। ଘଟଣା ସମ୍ପର୍କରେ ବ୍ୟାଙ୍କରେ ଅଭିଯୋଗ କରିବା ପରେ ଉତ୍ତର ପ୍ରଦେଶ ଆଗ୍ରାର ପ୍ରଭେସ କୁମାର ତାଙ୍କ ତାଙ୍କ ଟଙ୍କାକୁ ଆକାଉଣ୍ଟ ଟ୍ରାନ୍ସଫର କରି ନେଇଥିବା ଜାଣିବାକୁ ପାଇଥିଲେ। ୪୧ ହଜାର ଟଙ୍କା ମଧ୍ୟରୁ ୧୦ହଜାର ତିର୍ଥିନାପଲ୍ଲୀ ଓ ୩୧ହଜାର ତାମିଲନାଡୁରେ ଉଠାଣ ହୋଇଥିବା ଜଣାପଡିଥିଲା। ପରେ ବିଭୁଧ କଷ୍ଟମେୟାରକୁ ଅଭିଯୋଗ କରି ଏଟିଏମକୁ ବ୍ଲକ କରିଥିଲେ। ଯିଏ ଟଙ୍କା ଉଠାଇଛନ୍ତି ତାଙ୍କର ଫୋନ ନଂ. ୭୦୦୮୩୯୫୨୩୫ ଓ ୬୩୯୩୪୫୩୦୨୩ ଜଣାପଡିଛି। ସ୍ଥାନୀୟ ବ୍ୟାଙ୍କ ପକ୍ଷରୁ ଠକି ନେଇଥିବା ଯୁବକଙ୍କ ଆକାଉଣ୍ଟକୁ ସିଜ୍ କରାଯାଇଥିବା ଜଣାପଡିଛି।

# ଜଟଣୀ ଗୋଶାଳାରେ ବ୍ୟାପକ କ୍ଷତି



'ଫନୀ' ବାତ୍ୟାରେ ଭାଙ୍ଗିଯାଇଥିବା ଶ୍ରୀଜଗନ୍ନାଥ ପୁରୀ ଗୋଶାଳା।

**ବିଦ୍ୟୁତ୍ ବିନା ପାଣି, ଖାଦ୍ୟ ଅଭାବ**

ଜଟଣୀ,୨୨।୫(ଡି.ଏନ୍.ଏ.)

ବାତ୍ୟା 'ଫନୀ'ରେ ଜଟଣୀରେ ଥିବା ଶ୍ରୀଜଗନ୍ନାଥ ପୁରୀ ଗୋଶାଳାରେ ବ୍ୟାପକ କ୍ଷତି ଘଟିଛି। ପ୍ରାୟ ଦୁଇ ଶହରୁ ଅଧିକ ଗାଈ, ବାଛୁରି ଓ ବଳଦ ଏବେ ବି ଯନ୍ତ୍ରଣାରେ ରହିଛନ୍ତି। ବିଦ୍ୟୁତ୍ ନ ଥିବାରୁ ପାଣି ଓ ଖାଦ୍ୟର ଅଭାବ ଦେଖାଯାଇଛି। ବିଦ୍ୟୁତ୍ ନ ଥିବାରୁ ମୋଟରରେ ପାଣି ଉଠିପାରୁ ନ ଥିବାବେଳେ ନଡ଼ା କଟା ମେଶିନ୍ ମଧ୍ୟ ଚାଲୁନାହିଁ। ଏହା ସହ ଗୋରୁଙ୍କ ଲାଗି ଥିବା ଖାଦ୍ୟସାମଗ୍ରୀ ଓଦା ହୋଇ ନଷ୍ଟ ହୋଇଯାଇଛି। ଗୋରୁଙ୍କ ପାଇଁ ଲଗାଯାଇଥିବା ପଙ୍ଖା ବୁଲୁ ନ ଥିବାରୁ ଅସୁସ୍ଥ ଥିବା ଗୋରୁ କଷ୍ଟ ପାଉଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଗୋଶାଳାର କର୍ମଚାରୀ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଗଛପଡ଼ି ଘର ଆଜବେଷ୍ଟସ ଭାଙ୍ଗିଯାଇଛି। ପାଣି ଉଠାଇବା ଓ ନଡ଼ା କାଟିବା ମେଶିନ୍ ଚଳାଇବା ପାଇଁ ଭଡ଼ାରେ ଜେନେରେଟର ଅଣାଯାଇଥିବା ଗୋଶାଳା ମ୍ୟାନେଜର ରାମ ଭରୋଶ କହିଛନ୍ତି। ଭଡ଼ା ବାବଦରେ ଘଣ୍ଟାକୁ ୧୫ଶହ ଟଙ୍କା ଦବାକୁ ପଡୁଛି। ଏତେ ଟଙ୍କା ବ୍ୟୟ କରି ଜେନେରେଟର ଚଳାଇବା କଷ୍ଟକର ହେଉଥିବା ଗୋଶାଳାର ମ୍ୟାନେଜର ଭରୋଶ ଓ ସାମାଜିକ କର୍ମୀ ଏସ୍.ଜନ୍ କହିଛନ୍ତି । ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ଦେବାକୁ ସେସୁ ଓ ଫେଡ୍‌କୋ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

■ ଚନ୍ଦକାଠାରୁ ପିତାପଲ୍ଲୀ ରାସ୍ତା ପାଇପ ଲାଇନ

# ମରାମତି ହେଲା ଏୟାର ଭାଲ୍‌ଭ ଲିକେଜ୍

ଖୋର୍ଦ୍ଧା ଅଫିସ, ୨୨।୫



ମରାମତି ହୋଇଥିବା ଏୟାର ଭାଲ୍‌ଭ।

ଚନ୍ଦକାଠାରୁ ପିତାପଲ୍ଲୀ ରାସ୍ତା ପାଇପ ଲାଇନରେ ୫୦ରୁ ଉର୍ଦ୍ଧ୍ୱ ଏୟାର ଭାଲ୍‌ଭର ମରାମତି ହୋଇ ପାନୀୟଜଳ ସ୍ୱାଭାବିକ ହୋଇଛି। ସୂଚନା ଅନୁଯାୟୀ, ଏହି ଏୟାର ଭାଲ୍‌ଭରେ ଲିକେଜ୍ ହୋଇ ପାଣି ଦିନରାତି ବହି ଯାଉଥିଲା। ଫଳରେ ଖୋର୍ଦ୍ଧା ଓ ଜଟଣୀ ସହରରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିଲା। ଏ ସମ୍ପର୍କିତ ଖବର ଗତ ୧୯ତାରିଖରେ ଧରିତ୍ରୀରେ ପ୍ରକାଶିତ ପରେ ଏୟାର ଭାଲଭ୍‌ର ମରାମତି ହୋଇ ପାନୀୟଜଳ ସ୍ୱାଭାବିକ ହୋଇଛି। କଟକ ମୁଣ୍ଡୁଳିରୁ ପାଇପଲାଇନ ଯୋଗେ ଆସୁଥିବା ପାନୀୟଜଳ ଖୋର୍ଦ୍ଧା ଓ ଜଟଣୀ ସହର ସମେତ ନାଇଜର, ଆଇଆଇଟି, ଇଡ୍‌କୋକୁ ଯୋଗାଉଛି। ଏହି ଜଳଯୋଗାଣ ପ୍ରକଳ୍ପ ପାଇଁ ୧୮୭ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ୨୦୧୮ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଣ୍ଡୁଳିଠାରେ ସ୍ୱତନ୍ତ୍ର ଭାବେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ କରାଯାଇଛି। ୮୩୦ଲକ୍ଷ ଲିଟର ପାଣି ଏଠାରେ ଟ୍ରିଟମେଣ୍ଟ ହେଉଛି। ଏଠାରୁ ପାଣି ମେଣ୍ଢାଶାଳରେ ଥିବା ୧୩୦ଲକ୍ଷ ଲିଟର ବିଶିଷ୍ଟ ଜଳଭଣ୍ଡାରରେ ଗଚ୍ଛିତ ରହୁଛି। ପରେ ଜଟଣୀ ଓ ଖୋର୍ଦ୍ଧାସ୍ଥିତ ଓଭରହେଡ ଟ୍ୟାଙ୍କରେ ଜଳ ସଂରକ୍ଷଣ ରହୁଛି । ପିପିପି ମୋଡରେ ଏକ ଘରୋଇ ସଂସ୍ଥା ଦ୍ୱାରା ପ୍ରକଳ୍ପ କରାଯାଇଛି। ଉକ୍ତ ସଂସ୍ଥା ୨୫ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ କରୁଛି।

### ମହିଳାଙ୍କୁ ଆକ୍ରମଣ: ଅଭିଯୁକ୍ତ ଅଟକ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଦଳିତ ମହିଳାଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରାଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ପୋଲିସ। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ରସୁଲଗଡ଼ ଅଞ୍ଚଳରେ ଜଣେ ଦଳିତ ମହିଳାଙ୍କୁ କିଛିଦିନ ହେଲା କେତେଜଣ ଲୋକ ନାନା ହଇରାଣ କରୁଥିଲେ। ବୁଧବାର ଲୁଗା ଶୁଖାଇବାକୁ ନେଇ ମହିଳାଙ୍କ ସହ ପଡ଼ୋଶୀ ଯୁବକଙ୍କର ବଚସା ହୋଇଥିଲା। ଏଥିରେ ଯୁବକ ଜଣଙ୍କ ଉତକ୍ଷିପ୍ତ ହୋଇ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଏତଲା ଦେଇଥିଲେ।

### ନ୍ୟାୟବିତ୍ ସମ୍ମିଳନୀ ପାଇଁ ଓଡ଼ିଶା ଲୋକାୟୁକ୍ତଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାଉଣ୍ଟ ଆବୁରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାୟବିତ ସମ୍ମିଳନୀ ଉଦ୍‌ଘାଟନ ପାଇଁ ଓଡ଼ିଶାର ଲୋକାୟୁକ୍ତ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ କରାଯାଇଛି। ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ତରଫରୁ ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଦୁର୍ଗେଶ ନନ୍ଦିନୀ, ବ୍ରହ୍ମା କୁମାର ବିଜୟ ପ୍ରମୁଖ ଓଡ଼ିଶାର ଲୋକାୟୁକ୍ତ ଅଧ୍ୟକ୍ଷ ତଥା ନ୍ୟାୟାଧୀଶ ଅଜିତ ସିଂହଙ୍କୁ ଭେଟି ନିମନ୍ତ୍ରଣ ଜଣାଇଛନ୍ତି। ମେ' ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ମାଉଣ୍ଟ ଆବୁ ଜ୍ଞାନ ସରୋବରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଜୁନ୍ ୩ରୁ ୭ ଗ୍ରାମ୍ୟ ବିକାଶ ସମ୍ମିଳନୀ, ୧୨ ରୁ ୧୬ ଖବରଦାତା ସମ୍ମିଳନୀ, ଜୁନ୍ ୩୦ରୁ ଜୁଲାଇ ୪ ସାମାଜିକ କଲ୍ୟାଣ ବିଭାଗ ସମ୍ମିଳନୀ, ଜୁଲାଇ ୯ରୁ ୧୩ ପ୍ରଶାସକ ବିଭାଗ ସମ୍ମିଳନୀ, ଜୁଲାଇ ୧୯ରୁ ୨୩ ମହିଳା ବିଭାଗ ସମ୍ମିଳନୀ, ଜୁଲାଇ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ବୈଜ୍ଞାନିକ ଏବଂ ଇଞ୍ଜିନିୟର ବିଭାଗ ସମ୍ମିଳନୀ ଇତ୍ୟାଦି ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ସ୍ୱଚ୍ଛ କ୍ୟାମ୍ପସ ଅଭିଯାନ

ଖୋର୍ଦ୍ଧା ଅଫିସ,୨୨।୫

ବାତ୍ୟା 'ଫନୀ'ରେ ଖୋର୍ଦ୍ଧା ସହରରେ ବ୍ୟାପକ କ୍ଷତି ଘଟିଛି। ବାତ୍ୟାର ୨୦ଦିନ ପରେ ବି ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆବର୍ଜନା ହଟି ପାରିନି। ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ପକ୍ଷରୁ ଖୋର୍ଦ୍ଧା ପିଏନ୍ କଲେଜ ଓ ମହିଳା ମହାବିଦ୍ୟାଳୟରେ ସଫେଇ କରାଯାଇଛି। ନଗର ସେବା ପ୍ରମୁଖ ଚନ୍ଦନ କୁମାର ପାଟଶାଣୀଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଏଟିଏମ୍ ସେବା ଠପ୍, ଗ୍ରାହକ ଅସନ୍ତୋଷ

ନିରାକାରପୁର,୨୨।୫(ଡି.ଏନ.ଏ.)



ନିରାକାରପୁରରେ ବନ୍ଦ ହୋଇଥବା ଏଟିଏମ୍।

ବାତ୍ୟା ପରେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ବିଭିନ୍ନ ବ୍ୟାଙ୍କର ଏଟିଏମ୍ ସେବା ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଗ୍ରାହକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ଫଳରେ ଗ୍ରାହକମାନେ ଟଙ୍କା ଉଠାଇବାକୁ ଅନ୍ୟ ଅଞ୍ଚଳକୁ ଯାଉଥିବା ଦେଖାଯାଇଛି। ଏ ନେଇ ନିରାକାରପୁର ଅଞ୍ଚଳର ମାନସ ରଞ୍ଜନ ମହାନ୍ତି କୁହନ୍ତି, ଅଞ୍ଚଳରେ ଥିବା ସମସ୍ତ ଏଟିଏମ୍ ବନ୍ଦ ଥିବାରୁ ଆମେ ନାହିଁ ନ ଥିବା ହଇରାଣ ହେଉଛୁ। ନୟାଗଡ଼ ଓ ବାଲୁଗାଁକୁ ଯାଇ ଟଙ୍କା ଉଠାଇବାକୁ ପଡୁଛି। ଏଠାରେ ଏଟିଏମ୍ କାମ କରୁ ନ ଥିବାରୁ ଖୋର୍ଦ୍ଧା, ବାଲୁଗାଁ ଏଟିଏମ୍‌ରୁ ଆମେ ଟଙ୍କା ଉଠାଉଛୁ। ଚୋର ଭୟରେ ସାଙ୍ଗରେ ଦୁଇ ଜଣଙ୍କୁ ନେବାକୁ ପଡୁଛି ବୋଲି କାଶୀପୁର ଅଞ୍ଚଳର ରାକେଶ ପରିଡ଼ା କହିଥିଲେ। ସେହିପରି କାଶୀପୁରର ବିଦ୍ୟାସାଗର ପ୍ରଧାନ କୁହନ୍ତି, ସ୍ଥାନୀୟ ଅଞ୍ଚଳର ୭ଟି ଏଟିଏମ୍ ବନ୍ଦ ହୋଇଯାଇଥିଲା। ଏବେ ୨ଟି କାର୍ଯ୍ୟକ୍ଷମ ଥିଲେ ମଧ୍ୟ ଆମକୁ ଠିକ୍ ସେବା ମିଳୁନାହିଁ। ତେଣୁ ଖୋର୍ଦ୍ଧା ଓ କମାଗୁରୁ ଯାଇ ସେଠାରୁ ଟଙ୍କା ଉଠାଇବାକୁ ପଡୁଛି। ବରୋଦା ବ୍ୟାଙ୍କ ଏଟିଏମ୍ ବନ୍ଦ ଥିବାରୁ ନିରାକାରପୁରସ୍ଥିତ ବରୋଦା ବ୍ୟାଙ୍କ ପରିଚାଳକ ଅଂଶୁମାନ ପଟ୍ଟନାୟକ କୁହନ୍ତି, ବାତ୍ୟାରେ ବିଦ୍ୟୁତ୍ ଅସୁବିଧା ଯୋଗୁ ଏଟିଏମ ବନ୍ଦ ରହିଛି। ଦୁଇ ଦିନ ମଧ୍ୟରେ ଏଟିଏମ୍ କାର୍ଯ୍ୟକ୍ଷମ ହୋଇଯିବ ବୋଲି ପରିଚାଳକ କହିଥିଲେ।

# ଚମ୍ପାଝରରେ ଆଧ୍ୟାତ୍ମିକ ସାରସ୍ୱତ ସମାରୋହ

ଖୋର୍ଦ୍ଧା ଅଫିସ, ୨୨।୫





ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥି।

ଖୋର୍ଦ୍ଧା ବ୍ଲକ ମଳିପଡ଼ା ନିକଟସ୍ଥ ଚମ୍ପାଝର ମୁଦୁଲି ସାହି ଭାଗବତ ଦେବ ପୀଠରେ ମଙ୍ଗଳବାର ଆଧ୍ୟାତ୍ମିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରର ଶିଶୁ ସାହିତ୍ୟ ଗବେଷକ ତ୍ରିଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଚମ୍ପାଝରର ଆଧ୍ୟାତ୍ମବାଦୀ କବି ବ୍ରଜକିଶୋର ମୁଦୁଲି ଯୋଗଦେଇ ଶ୍ରୀ ଚୈତନ୍ୟ ଭକ୍ତି ସରିତ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ପୁରୀ ସରକାରୀ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ଭାଷା ସୁରକ୍ଷା ସମ୍ମିଳନୀର ଖୋର୍ଦ୍ଧା ଜିଲା ସଭାପତି ସତ୍ୟବାଦୀ ବଳିଆରସିଂହ ମୁଖ୍ୟବକ୍ତା ଏବଂ ଅତିଥିଭାବେ ଜିଲା ନିଶା ନିବାରଣ ସମିତିର ସଭାପତି ରାମ ଶଙ୍କର, ପ୍ରଫେସର ଲକ୍ଷ୍ମୀଧର ଶ୍ରୀଚନ୍ଦନ, ଖୋର୍ଦ୍ଧାର ଶ୍ରୀ ଚୈତନ୍ୟ ଗବେଷଣା ପରିଷଦର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ସାମାଜିକ କର୍ମୀ କାଳୁ ଚରଣ ଖଣ୍ଡେଇତରାୟ, ରାଧାକୃଷ୍ଣ ମଠର ମହନ୍ତ ସାଗର ମହାରାଜ ଯୋଗଦେଇ ଉନ୍ମୋଚିତ ପୁସ୍ତକରେ ଶ୍ରୀ ଚୈତନ୍ୟଙ୍କ ଜୀବନୀ, ଆଦର୍ଶ ଓ ଭକ୍ତିଭାବ ବର୍ଣ୍ଣନା ରହିଛି ବୋଲି କହିଥିଲେ। ପରେ କବି ରମେଶ ଚନ୍ଦ୍ର ସାହୁ ଓ ନରେନ୍ଦ୍ର କୁମାର ମୁଦୁଲିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଖୋର୍ଦ୍ଧା, ଟାଙ୍ଗୀ, ଜଟଣୀ ଓ ପିପିଲି ବ୍ଲକର ବହୁ କବି କବୟିତ୍ରୀ ଯୋଗଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ଗାୟକ ରାଜକିଶୋର ମୁଦୁଲି, ମୀନକେତନ ପାଇକରାୟ, ଚିକିତ୍ସକ କେଦାରନାଥ ମୁଦୁଲି ଓ ସାହିତ୍ୟିକ ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାରସ୍ୱତ ପ୍ରତିଭା ସମ୍ମାନରେ ସନ୍ତୋଷ ଦାସ, ଶୁଭସ୍ମିତା ମୁଦୁଲି, ଚିନ୍ତାମଣି ଓଝା, ନରେନ୍ଦ୍ର ମୁଦୁଲି, ରାମ ନାରାୟଣ ଦାସ, ଦାଶରଥି ଶ୍ରୀଚନ୍ଦନ, ବ୍ରଜକିଶୋର ମୁଦୁଲି ଓ ଦିବ୍ୟଲୋଚନ ଭାରିମଲ୍ଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟ ପରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

■ ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ ଉଦ୍‌ଘାଟିତ

# କୃଷି ବିକାଶରେ ଓୟୁଏଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)





ବୈଠକରେ ଉପସ୍ଥିତ ଅତିଥିମାନେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ ଉଦ୍‌ଘାଟିତ ହୋଇଛି। ଚାରିଦିନ ବ୍ୟାପୀ ହେବାକୁ ଥିବା ଉକ୍ତ ବୈଠକର ଉଦ୍‌ଘାଟନୀ ସଭାରେ କୁଳପତି ଡ. ପଓ୍ୱନ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଯୋଗଦେଇ ଓଡ଼ିଶାର କୃଷି ପରିବେଶ ଓ ପରିସଂସ୍ଥାନ ବିକାଶରେ ଓୟୁଏଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଡ. ଅଗ୍ରୱାଲ କୃଷି ବିକାଶ କ୍ଷେତ୍ରରେ ବୈଜ୍ଞାନିକ ଓ ସରକାରୀ କୃଷି ବିଭାଗର ମିଳିତ ଉଦ୍ୟମ ଅପରିହାର୍ଯ୍ୟ ବୋଲି କହିବା ସହ ଗବେଷଣା ଲବ୍ଧ ଜ୍ଞାନର ଫଳପ୍ରଦ ତଥା ସଫଳ ସମ୍ପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାର ମୁଖ୍ୟ ସଞ୍ଚାଳନା ଅଧିକାରୀ ପ୍ରଫେସର ଲଳିତ ମୋହନ ଗଡ଼ନାୟକ ଓୟୁଏଟି କୃଷି ଗବେଷଣାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ରାଉଳ ସମ୍ପ୍ରସାରଣ କ୍ଷେତ୍ରରେ ଓୟୁଏଟିର ସଫଳତା ଓ ରାଜ୍ୟସ୍ତରରେ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର କୁମ୍ଭକର୍ଣ୍ଣ ରାଉତ ମହବିଦ୍ୟାଳୟସ୍ତରୀୟ କୃଷି ଗବେଷଣା ସମ୍ପର୍କରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
- ଗଙ୍ଗାଧର ମେହେର



## ସଂକ୍ଷେପରେ

### ନାବାଳିକା ଗର୍ଭବତୀ: ଅଭିଯୁକ୍ତ ଗିରଫ

କଣାସ ୨୨।୫(ଡି.ଏନ୍.ଏ.)-ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲିଟିଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ନାବାଳିକାଙ୍କ ବାପା ରାଜ୍ୟ ବାହାରେ ରହି କାମ କରୁଥିବାବେଳେ ମା' ଗାଁରେ କାମ କରି ଗୁଜରାଣ ମେଣ୍ଟାନ୍ତି। ନାବାଳିକା ଜଣକ ନିଜ ପଡ଼ିଶା ଘରକୁ ଯିବାଆସିବା କରିବା ସମୟରେ ସମ୍ପର୍କୀୟ ଭାଇଙ୍କର ତାଙ୍କ ଉପରେ ଦୃଷ୍ଟି ପଡ଼ିଥିଲା। ପରେ ସେ ନାବାଳିକାଙ୍କ ସହ ବଳପୂର୍ବକ ଶାରିରୀକ ସମ୍ପର୍କ ରଖିଥିଲେ। ଏ ସଂକ୍ରାନ୍ତରେ କାହାକୁ କହିଲେ ଜୀବନରେ ମାରିଦେବା ପାଇଁ ଧମକ ଦେଉଥିଲେ। ହଠାତ ନାବାଳିକାଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ସେ ୫ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ନେଇ ନାବାଳିକାଙ୍କ ମା'ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଡେଲାଙ୍ଗ ପୋଲିସ ଏକ ମାମଲା (ନଂ ୯୪/୧୯ ) ରୁଜୁ କରି ଅଭିଯୁକ୍ତ ଯୁବକ କୃଷ୍ଣଚନ୍ଦ୍ର ଦାସ (୩୧)ଙ୍କୁ ଗିରଫ କରିଛି। ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି। କୃଷ୍ଣଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳିକାଙ୍କୁ ସେଲ୍ଟର ହୋମ୍‌ରେ ରଖାଯାଇଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ, ୨୨।୫(ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ବଡ଼ବିଲ ସାହିର କୁମୁଦିନୀ ମଲ୍ଲିକ(୪୦)ଙ୍କର ବିଷଧର ସାପ କାମୁଡାରେ ମୃତ୍ୟୁ ଘଟିଛି। ବାତ୍ୟାରେ ଭାଙ୍ଗି ଯାଇଥିବା ଘରେ ମଙ୍ଗଳବାର ସେ ବସି ଭାତ ଖାଉଥିବା ବେଳେ ଘର ଭିତରକୁ ଗୋଟିଏ ବେଙ୍ଗ ପଶି ଆସିଥିଲା। ବେଙ୍ଗ ଖାଇବାକୁ ଗୋଟିଏ ବିଷଧର ନାଗ ଘର ଭିତରେ ପଶି ଯାଇଥିବା ଦେଖି ମହିଳା ଜଣଙ୍କ ଭୟରେ ବାହାରକୁ ପଳାଇବାବେଳେ ତାଙ୍କୁ ସାପଟି କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ସାକ୍ଷୀଗୋପାଳ ସରକାରୀ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ସାପ କାମୁଡା ଇଞ୍ଜେକଶନ ଏଠାରେ ନ ଥିବା ଏବଂ ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ଡାକ୍ତର ତାଙ୍କୁ ପୁରୀ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେ ପୁରୀ ପହଞ୍ଚିବା ପୂର୍ବରୁ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁରୀ ମେଡିକାଲରେ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଚିକିତ୍ସା ଅବହେଳାରୁ କୁମୁଦିନୀଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ସତ୍ୟବାଦୀ ଥାନାରେ ନଂ ୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ପରିବା ଦର ଆକାଶଛୁଆଁ, ଖାଉଟି ହନ୍ତସନ୍ତ



**ନିମାପଡ଼ା,୨୨।୫(ଡି.ଏନ୍.ଏ.):** ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ନିମାପଡ଼ା ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ଏହାର ପ୍ରଭାବରେ ନିମାପଡ଼ା ଓ ବଳଙ୍ଗା ଅଞ୍ଚଳରେ ହୋଇଥିବା ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡିଯାଇଛି। ଚାଷ ଜମି ଖାଁ ଖାଁ ହୋଇପଡିଛି। ନିମାପଡ଼ା ବ୍ଲକର ୫ଶହ ହେକ୍ଟର ଜମିରେ ହୋଇଥିବା ପରିବା ଚାଷ ଉଜୁଡିଯାଇଥିବା ସ୍ଥାନୀୟ ଉଦ୍ୟାନ ବିଭାଗ ପକ୍ଷରୁ ଜଣାପଡିଛି। ଫଳରେ କ୍ଷତିଗ୍ରସ୍ତ ଶତାଧିକ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ବଳଙ୍ଗାର ଚାଷୀ କୃପାସିନ୍ଧୁ ସ୍ୱାଇଁ, କେଦାର ପ୍ରଧାନ ଓ ନିମାପଡ଼ାର ଫକୀର ପରିଡା, ବିପିନ ପରିଡା କହିଛନ୍ତି ଚାଷ ହେଉଛି ଆମର ଭାତ ହାଣ୍ଡି। ଏବେ ଆମେ କିପରି ଚଳିବୁ ଓ କ'ଣ କରିବୁ ବୋଲି କହିଛନ୍ତି। ବାତ୍ୟାରେ ନିମାପଡ଼ା ଅଞ୍ଚଳରେ ପରିବା ଚାଷ ଉଜୁଡିଯାଇଥିବାରୁ ବଜାରରେ ପରିବା ଦର ଆକାଶଛୁଆଁ ହୋଇଛି। ଫଳରେ ଖାଉଟିମାନେ ହନ୍ତସନ୍ତ ହେଉଥିବା ଦେଖାଯାଇଛି। ବାତ୍ୟା ପରେ ଆଳୁ କିଲୋ ୧୫ଟଙ୍କା ଥିବା ବେଳେ ପିଆଜ କିଲୋ ପ୍ରତି ୨୦ରୁ ୨୨ଟଙ୍କା ରହିଛି। ବାଇଗଣ କିଲୋ ୫୦ଟଙ୍କା, ପୋଟଳ ୬୦ଟଙ୍କା, କଲରା ୬୦ଟଙ୍କା, ଟମାଟୋ ୬୦ଟଙ୍କା, ଭେଣ୍ଡି ୪୦ଟଙ୍କା, କାକୁଡି ୫୦ଟଙ୍କା, ସଜନା ଛୁଇଁ ୪୦ରୁ ୫୦ଟଙ୍କା ମୂଲ୍ୟ ରହିଛି ବୋଲି ନିମାପଡ଼ା ବଜାରର ପ୍ରସନ୍ନ ସାହୁ, ଗୋବିନ୍ଦ ସାହୁ, ଶରତ ପ୍ରଧାନ, ରମେଶ ସ୍ୱାଇଁ କହିଛନ୍ତି। ସେହିପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଚୂଡ଼ା, ଡାଲି ଓ ମହମବତିର ଦର ବୃଦ୍ଧି ପାଇଛି।

# କଡ଼ା ସୁରକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟ

ପୁରୀ ଅଫିସ, ୨୨।୫

## ଆଜି ଭୋଟ ଗଣତି

- ଗଣତି କକ୍ଷକୁ ମୋବାଇଲ ମନା
- ୧୬ ପ୍ଲାଟୁନ ଫୋର୍ସ, ୧ ପ୍ଲାଟୁନ ସିଆଇଏସ୍ଏଫ
- ଲାଗିଛି ୩୨ ସିସିଟିଭି କ୍ୟାମେରା

ନିର୍ବାଚନ ଫଳାଫଳକୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା। କିଏ ଜିତିବ, କିଏ ହାରିବ ତାହାକୁ ନେଇ ସବୁଠି ଚାଲିଛି ଅଙ୍କକଷା। ଚା' ଖଟିରୁ ଆରମ୍ଭ କରି ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ସବୁ ଜାଗାରେ ନିର୍ବାଚନ ଫଳାଫଳ ବିଷୟରେ ହେଉଛି ଆଲୋଚନା। ତେବେ ଗୁରୁବାର ସବୁ ଉତ୍କଣ୍ଠାର ପରିସମାପ୍ତି ଘଟିବାକୁ ଯାଉଛି। ଗୁରୁବାର ସକାଳୁ ଆରମ୍ଭ ହେବ ଭୋଟ ଗଣତି। ଏଥିଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୋଟ ଗଣତି କେନ୍ଦ୍ର କେନ୍ଦ୍ରୀୟ ବିଦ୍ୟାଳୟ ପରିସରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଗଣତିକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି।

ଗଣତି କେନ୍ଦ୍ରରେ ୧୬ ପ୍ଲାଟୁନ ପୋଲିସ ଫୋର୍ସ, ୧ ପ୍ଲାଟୁନ ସିଆଇଏସ୍ଏଫ୍ ସୁରକ୍ଷା ପାଇଁ ନିୟୋଜିତ ହେଉଥିବା ବେଳେ ଭୋଟ ଗଣତି ପ୍ରକୋଷ୍ଠ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ବିଭିନ୍ନ ସ୍ଥାନରେ ୩୨ଟି ସିସିଟିଭି କ୍ୟାମେରା ଲଗାଯାଇଛି। ତେବେ ଭୋଟ ଗଣତି ପ୍ରକ୍ରିୟା ଏବଂ ସମସ୍ତ ପ୍ରକାର ବ୍ୟବସ୍ଥା ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ ସୂଚନାଦେଇ କହିଛନ୍ତି ଯେ, ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଲୋକ ସଭା ପାଇଁ ହୋଇଥିବା ମତଦାନର ଗଣତି କରାଯିବ। ୮ଟି ପ୍ରକୋଷ୍ଠରେ ଗଣନା କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ଗୋଟିଏ ନିର୍ବାଚନ ମଣ୍ଡଳୀ ପାଇଁ ୭ଟି ଟେବୁଲ ହୋଇଛି। ପ୍ରତି ରାଉଣ୍ଡରେ ଗୋଟିଏ ନିର୍ବାଚନମଣ୍ଡଳୀର ୭ଟି ଲେଖାଏ ବୁଥ୍‌ର ଇଭିଏମ୍ ଅଣାଯାଇ ଗଣତି କରାଯିବ। ଏହା ସରିବା ପରେ ପୁଣି ଆଉ ୭ଟି ଇଭିଏମ୍ ଅଣାଯାଇ ଗଣତି ହେବ। ପ୍ରଥମେ ଇଲେକ୍ଟ୍ରୋନିକାଲ ଟ୍ରାନ୍ସମିଟେଡ୍ ବାଲଟ ପେପର (ଇଟିବିପି) ଏବଂ ପୋଷ୍ଟାଲ ବାଲଟ ଗଣତି ହେବ। ଇଟିବିପି ଏବଂ ପୋଷ୍ଟାଲ ବାଲଟ ଗଣତି ସରିବା ପରେ ଇଭିଏମ୍(ବୁଥସ୍ତରରେ ହୋଇଥିବା ମତଦାନ)ର ଗଣତି କରାଯିବ। ଇଭିଏମ୍ ଗଣତି ଶେଷ ହେବା ପରେ ପ୍ରତି ନିର୍ବାଚନମଣ୍ଡଳୀର ୫ଟି ଲେଖାଏ ଭିଭିପିଏଟି ଗଣତି କରାଯିବ। ତେବେ କେଉଁ ୫ଟି ଭିଭିପିଏଟି ଗଣତି ହେବ ତାହା ଲଟେରି ମାଧ୍ୟମରେ ସ୍ଥିର କରାଯିବ। ଭିଭିପିଏଟି ଗଣତି ପରେ ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ। ଯେ ହେତୁ ଚଳିତବର୍ଷ ପ୍ରଥମଥର ଭିଭିପିଏଟି ବ୍ୟବହାର କରାଯାଇଛି ତେବେ ଗଣତି ଅଧିକ ସମୟ ଲାଗିବାର ସମ୍ଭାବନା ରହିଛି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ପୋଲିସ, ବିଏସ୍ଏଫ୍ ଏବଂ ଆଇଆର୍‌ବି ଯବାନ ଷ୍ଟ୍ରଙ୍ଗରୁମ୍‌କୁ ଜଗିଛନ୍ତି। ଭୋଟ ଗଣତି କେନ୍ଦ୍ରର ୧୦୦ ମିଟର ମଧ୍ୟରେ କୌଣସି ଗାଡି ପୂରାଇ ଦିଆଯିବ ନାହିଁ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଗେଟ୍ କରାଯାଇଛି। ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ସେମାନେ ଯଦି ଚାହିଁବେ ପରିଚୟପତ୍ର ଦେଖାଇ ଭୋଟଗଣତି କେନ୍ଦ୍ରକୁ ଆସିପାରିବେ। ସେହିପରି ଗଣତିରେ ସାମିଲ ଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ମଧ ସ୍ୱତନ୍ତ୍ର ଗେଟ୍ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିମାନେ କିପରି ଗଣତି ଏବଂ ଫଳାଫଳ ବିଷୟରେ ଜାଣିପାରିବେ ସେଥିଲାଗି ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ଡାକବାଜି ଯନ୍ତ୍ର ଏବଂ ଏଲ୍ଇଡି ସ୍କ୍ରିନ୍‌ରେ ମଧ ଫଳାଫଳ ଜାଣିବା ପାଇଁ ସୁବିଧା କରାଯାଇଛି।

ସେହିପରି ପ୍ରାର୍ଥୀଙ୍କ ଏଜେଣ୍ଟଙ୍କୁ ମଧ ଫଟୋ ଥାଇ ପରିଚୟପତ୍ର ଦିଆଯାଇଛି। ସେମାନେ ପ୍ରବେଶ ପଥରେ ପରିଚୟପତ୍ର ଦେଖାଇ ଭୋଟ ଗଣତି କକ୍ଷକୁ ଯିବେ। ଗଣତିରେ ସାମିଲ ହେଉଥିବା ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ମୋବାଇଲ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। କେହି ମୋବାଇଲ ନେଇ ଭିତରକୁ ଯାଇପାରିବେ ନାହିଁ। ସେମାନଙ୍କୁ ଗେଟ୍‌ରେ ଯାଞ୍ଚ କରାଯାଇ ଭିତରକୁ ଛଡାଯିବ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଙ୍ଗଠକମାନେ।

# କ୍ରୀଡ଼ା ଛାତ୍ରାବାସ ପୁନରୁଦ୍ଧାର ଦାବି

ପୁରୀ ଅଫିସ, ୨୨।୫

ପ୍ରଳୟଙ୍କରୀ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲା କ୍ରୀଡା ଛାତ୍ରାବାସ ଓ ଜିମ୍ନାଷ୍ଟିକସ୍ ଗୃହର ପୁନରୁଦ୍ଧାର ଦାବିରେ ବୁଧବାର କେତେଜଣ କ୍ରୀଡାପ୍ରେମୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବାତ୍ୟାରେ ଛାତ୍ରାବାସ ଓ ଇନଡୋର ଷ୍ଟାଡିୟମ ଛାରଖାର ହୋଇଯାଇଛି। ଛାତ୍ରାବାସ କୋଠା, ଷ୍ଟାଡିୟମ ପାଚେରି ମାଟିରେ ମିଶିଯାଇଛି। ରାଜ୍ୟର ଏକମାତ୍ର ଜିମ୍ନାଷ୍ଟିକସ୍ ଛାତ୍ରାବାସ ଓ ଲକ୍ଷାଧିକ ଟଙ୍କାର ଅତ୍ୟାଧୁନିକ କ୍ରୀଡା ସାମଗ୍ରୀ ନଷ୍ଟ ହୋଇଛି। ଏଥିସହିତ ରେସଲିଙ୍ଗ ସାମଗ୍ରୀ ବି ଛିନ୍‌ଭିନ୍ ହୋଇଯାଇଛି। ପ୍ରାୟ ୧୦କୋଟିରୁ ଊର୍ଦ୍ଧ୍ୱ କ୍ଷତି ଘଟିଛି। ସାରା ରାଜ୍ୟରେ ଜିମ୍ନାଷ୍ଟିକସ୍ ପାଇଁ ପୁରୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଅତୀତରେ ବହୁ ଖେଳାଳି ଏହି ଛାତ୍ରାବାସରେ ରହି ଉନ୍ନତ ଜ୍ଞାନ କୌଶଳରେ ପ୍ରଶିକ୍ଷଣ ନେଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଗୌରବ ଅର୍ଜନ କରିଛନ୍ତି। କ୍ରୀଡାର ବିକାଶ କ୍ଷେତ୍ରରେ ପୁରୀ କ୍ରୀଡା ଛାତ୍ରାବାସର ବିଶେଷ ଭୂମିକା ରହିଛି। ଜିମ୍ନାଷ୍ଟିକସ୍ ଏଠାରୁ ଉଠିଗଲେ ବହୁ ଖେଳାଳି ଉପେକ୍ଷିତ ହେବେ। ଏହାର ପୁନରୁଦ୍ଧାର ଜରୁରୀ ହୋଇପଡିଛି ବୋଲି କ୍ରୀଡା ସଙ୍ଗଠକ ସବ୍ୟସାଚୀ ରଥ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କ୍ରୀଡ଼ାବିତ୍ ଦ୍ୱାରିକାନାଥ ମିଶ୍ର, ଚୌଧୁରୀ ପାର୍ଥ ସାରଥିଙ୍କ ସହ କ୍ରୀଡାପ୍ରେମୀ ଓ ଖେଳାଳି ସାମିଲ ହୋଇଥିଲେ।

# ବାତ୍ୟା ପ୍ରଭାବିତ ଶିଶୁଙ୍କ ପାଇଁ ଶିକ୍ଷଣ ସ୍ଥାନ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ବିପର୍ଯ୍ୟୟ ସମୟରେ ଶିଶୁଙ୍କ ସୁରକ୍ଷା ଏବଂ ତାଙ୍କ ପାଇଁ ସୁରକ୍ଷିତ ପରିବେଶ ଅତି ଜଟିଳ ଓ ଗୁରୁତର ବିଷୟ ଅଟେ। ଓଡ଼ିଶାରେ ବାତ୍ୟା 'ଫନୀ' ପରେ ସେଭ୍ ଦି ଚିଲଡ୍ରେନ୍ ପକ୍ଷରୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପଞ୍ଚାୟତର ସାତପଡ଼ା ଭୋଇ ସାହି ଗ୍ରାମରେ ଏକ ଶିଶୁ ଅନୁକୂଳ ଶିକ୍ଷଣ ସ୍ଥାନ ପ୍ରତିଷ୍ଠା କରାଯାଇଛି। ଗ୍ରାମର ପାଖାପାଖି ୭୫ ପରିବାରର ୪୦୮ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି ଏବଂ ନିକଟସ୍ଥ ଏକ ପଞ୍ଚାୟତ କଲେଜରେ ବର୍ତ୍ତମାନ ଆଶ୍ରୟ ନେଇ ରହୁଛନ୍ତି। ଶିଶୁ ଅନୁକୂଳ ଶିକ୍ଷଣ ସ୍ଥାନକୁ ସେଭ୍ ଦି ଚିଲଡ୍ରେନ୍‌ର ସିଇଓ ବିଦିଶା ପଲାଇ ଉଦ୍‌ଘାଟନ କରି କହିଛନ୍ତି, ବାତ୍ୟା ପ୍ରକୋପରେ ଅନେକ ଲୋକ ସେମାନଙ୍କ ବାସଗୃହ ହରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ବାତ୍ୟା ଆଶ୍ରୟସ୍ଥଳରୁ ନିଜ ଘରକୁ ଆସିବାରେ ଅସମର୍ଥ ଅଛନ୍ତି। ବୟସ୍କମାନଙ୍କୁ ପୁନଃ ଥଇଥାନ କରି ସକ୍ରିୟ ହେବାକୁ ହେଲେ ସର୍ବପ୍ରଥମେ




ବାତ୍ୟା ପ୍ରଭାବିତ ଶିଶୁଙ୍କ ଶିକ୍ଷା ପାଇଁ ଚିହ୍ନିତ ସ୍ଥାନରେ ଶିଶୁମାନେ।

ଶିଶୁମାନଙ୍କର ଯତ୍ନ ହିଁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଆମେ ଏହି ଗ୍ରାମରେ ଶିଶୁ ଅନୁକୂଳ ଶିକ୍ଷଣ ସ୍ଥାନ ପ୍ରତିଷ୍ଠା କରିଛୁ ବୋଲି ବିଦିଶା କହିଛନ୍ତି। ଏହାଦ୍ୱାରା ଶିଶୁ ବା ପିଲାମାନେ ମନୋରଞ୍ଜନ, ଆମୋଦ ପ୍ରମୋଦ କରିବା ସହିତ ଅନୌପଚାରିକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମଧ୍ୟ ପାଇପାରିବେ, ଯାହା ସେମାନଙ୍କୁ ଆଗାମୀ ଦିନରେ ଅଙ୍ଗନୱାଡି ଓ ବିଦ୍ୟାଳୟ ଯିବାରେ ସାହାଯ୍ୟ କରିବ। ପ୍ରଥମତଃ ଏହି ଶିକ୍ଷଣ ସ୍ଥାନ ବାସହରା ଶିଶୁମାନଙ୍କୁ ମାନସିକ ଆଘାତରୁ ମୁକ୍ତ କରିବାରେ ସହାୟକ ହେବ। ଶିଶୁମାନେ ମେଳ ହୋଇ ଖେଳିବା ଓ କିଛି ଶିଖିବାର ସୁଯୋଗ ପାଇବେ ବୋଲି ସେ କହିଛନ୍ତି। ତେବେ ସେଭ୍ ଦି ଚିଲଡ୍ରେନ୍ ପକ୍ଷରୁ ୫ଟି ପ୍ରତିଷ୍ଠା କରିବା ପାଇଁ ଯୋଜନା ଚାଲିଛି, ଯାହାକି ମାଣିକ, ପରସପଦା, ଅରଖକୁଦ ଓ ବ୍ରହ୍ମପୁରା ପଞ୍ଚାୟତରେ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ପାଖାପାଖି ୩୫୦ ଶିଶୁ ଉପକୃତ ହେବେ।

# ବିଶ୍ୱ ହିନ୍ଦୁ ପରିଷଦର ରିଲିଫ ବଣ୍ଟନ

ନିମାପଡ଼ା,୨୨।୫(ଡି.ଏନ୍.ଏ.)

ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ନିମାପଡ଼ା ବ୍ଲକ ଅନ୍ତର୍ଗତ ସଲଙ୍ଗ, ଓଡୁଆଳ, ବିଲସାହି, ଆମରଙ୍ଗ, ମିଟେଇପୁର ପଞ୍ଚାୟତର ସାତପୁରୀ, ଅର୍ଜୁନପୁର, ମିଟେଇପୁର, ବାହାରେଣା ପଞ୍ଚାୟତର ସଇଦାବାଦ ଓ ଶଗଡ଼ା ଗ୍ରାମର ବିପନ୍ନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ଏହା ସହ ଉକ୍ତ ଅଞ୍ଚଳରେ ଥିବା ପୋଖରୀ, କୂଅ, ନଳକୂପରେ ବ୍ଲିଚିଂ ପକାଯାଇ ବିଶୋଧନ କରାଯାଇଥିବା ବେଳେ ପ୍ରାୟ ୫ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଓଡ଼ିଶା ସଙ୍ଗଠନର ମନ୍ତ୍ରୀ ଆନନ୍ଦଜୀ ପାଣ୍ଡେ, ଭରତ ଭୋଇ, ଉମାଶଙ୍କର ଆଚାର୍ଯ୍ୟ, ରବିନାରାୟଣ ପରିଡା, ସତ୍ୟନାରାୟଣ ଦାଶ, ଶରତ ସେନାପତି, ରଞ୍ଜନ କୁମାର ନାୟକ, ଶୁଭ୍ରଜିତ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିପନ୍ନଙ୍କୁ ପରିଷଦ ପକ୍ଷରୁ ଖୁବ୍‌ଶୀଘ୍ର ସୌର ଲାଇଟ ଯୋଗାଇ ଦିଆଯିବ ବୋଲି ବିଭାଗ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ କହିଛନ୍ତି।

# ୟଙ୍ଗଇଣ୍ଡିଆ, ଆକ୍ସନ୍‌ଏଡ୍ ବାଣ୍ଟିଲେ ରିଲିଫ



ବିପନ୍ନଙ୍କୁ ସଙ୍ଗଠନର କର୍ମକର୍ତ୍ତାମାନେ ରିଲିଫ ବାଣ୍ଟୁଛନ୍ତି।

କୋଣାର୍କ, ୨୨।୫(ଡି.ଏନ୍.ଏ.)

ପ୍ରଳୟଙ୍କରୀ ବାତ୍ୟା ଫନୀ କୋଣାର୍କ ଅଞ୍ଚଳକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି। କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟଙ୍ଗଇଣ୍ଡିଆ ଓ ଆକ୍ସନଏଡ୍‌ର ମିଳିତ ସହଯୋଗରେ କୋଣାର୍କ ଏନ୍ଏସି ସମେତ ଗୋପ ବ୍ଲକରେ ବାତ୍ୟାରେ ବିପନ୍ନ ପରିବାରଙ୍କୁ ରିଲିଫ ବଣ୍ଟନ କରାଯାଇଛି। ନାଗପୁର, ଗଣେଶ୍ୱରପୁର, ଗୋପ, ବଡଡରା, ତରକୋର ଓ ସୁତନ ପଞ୍ଚାୟତରେ ପ୍ରଥମ ଦିନର ରିଲିଫ ବଣ୍ଟନ ହୋଇଛି। ଆକ୍ସନ୍‌ଏଡ୍‌ର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, କାର୍ଯ୍ୟକ୍ରମ ଅଧିକାରୀ ବିଏନ୍ ଦୁର୍ଗା, କାର୍ଯ୍ୟକ୍ରମ ପରିଚାଳକ ଘାଷିରାମ ପଣ୍ଡା, ବିତ୍ତୀୟ ଅଧିକାରୀ ଶୁଭେନ୍ଦୁ ରାଏ, ୟଙ୍ଗଇଣ୍ଡିଆର ସଭାପତି ଏନ୍ .ଏ. ଶାହ ଅନ୍‌ସାରୀ ପ୍ରମୁଖ ଉପସ୍ଥିତ ରହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ଦିନରେ ସାମାଜିକକର୍ମୀ ଡ.ଅମ୍ବିକା ପ୍ରସାଦ ନନ୍ଦ, ଆକ୍ସନ୍‌ଏଡ୍‌ର କାର୍ଯ୍ୟକ୍ରମ ଅଧିକାରୀ ଲୋପାମୁଦ୍ରା ବେହେରା, ଆକ୍ସନ୍‌ଏଡ୍‌ର ବରିଷ୍ଠ ଅଧିକାରୀ ସୁଦେଷ୍ଣା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷ ଦିନରେ ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶିକା ଦିପାଲି ଶର୍ମା, ଆକ୍ସନ୍‌ଏଡ୍ ର କାର୍ଯ୍ୟକ୍ରମ ପରିଚାଳିକା ପୁଷ୍ପଶ୍ରୀ ଦେବୀ ପ୍ରମୁଖ ଉପସ୍ଥିତ ରହି ରିଲିଫ ବଣ୍ଟନକୁ ତଦାରଖ କରିଥିଲେ।

# ବାତ୍ୟା ଅଞ୍ଚଳରେ ଶିଶୁଙ୍କୁ ୫ ଲକ୍ଷ କ୍ଷୀର ପ୍ୟାକେଟ ଦେବ ଏନ୍‌ଡିଡିବି

ଭୁବନେଶ୍ୱର,୨୨।୫

ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ଶିଶୁଙ୍କୁ ୫ ଲକ୍ଷ କ୍ଷୀର ପ୍ୟାକେଟ ଯୋଗାଇ ଦେବା ଲାଗି ନ୍ୟାଶନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ(ଏନ୍‌ଡିଡିବି) ପକ୍ଷରୁ ଘୋଷଣା କରାଯାଇଛି। ଆଗାମୀ ୨ ସପ୍ତାହ ମଧ୍ୟରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଏହା ଯୋଗାଇ ଦିଆଯିବ। ଏହାବାଦ ଏନ୍‌ଡିଡିବିର ଅଧିକାରୀଙ୍କ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ଏଠାରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଏନ୍‌ଡିଡିବିର କର୍ପୋରେଟ କମ୍ୟୁନିକେଶନ ଗ୍ରୁପ ମୁଖ୍ୟ ଅଭିଜିତ ଭଟ୍ଟାଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି। ଏନ୍‌ଡିଡିବି ରାଜ୍ୟ ସରକାର ଏବଂ ଓମଫେଡ ସହ ମିଳିତ ହୋଇ କାର୍ଯ୍ୟ କରୁଛି। ସେହିଭଳି ବାତ୍ୟା ପ୍ରଭାବିତ ଅଞ୍ଚଳରେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ ବିଭିନ୍ନ କାର୍ଯ୍ୟରେ ନିଜର ଯୋଗଦାନ ରଖିଛି। ଏହା ଭବାନୀପାଟଣା ଏବଂ ସମ୍ବଲପୁର ଡେରୀରେ ୩ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଇଟି ଆଇସକ୍ରିମ ୟୁନିଟ ସ୍ଥାପନା କରିଛି। ସେହିଭଳି କଟକର ଅରିଲୋ ଗୋବିନ୍ଦପୁରଠାରେ ୫ ଲିଟର କ୍ଷମତା ବିଶିଷ୍ଟ ଏକ ଡେରୀ ପ୍ଲାଣ୍ଟ ସ୍ଥାପନା କରୁଛି। ଏହା ୨୪୨ କୋଟି ଟଙ୍କା ନିବେଶରେ ସ୍ଥାପନା କରାଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# କାର୍ଯ୍ୟକ୍ଷମ ହୋଇନି ୮୦ ଭାଗ ଷ୍ଟ୍ରିଟ୍ ଲାଇଟ

କୋଣାର୍କ, ୨୨।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀକୁ ୨୦ଦିନ ବିତିଯାଇଥିଲେ ମଧ୍ୟ କୋଣାର୍କ ଏନଏସି କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗ କୋଣାର୍କ ବଜାର ସମେତ ୧୩ଗୋଟି ୱାର୍ଡର ୮୦ଭାଗ ଷ୍ଟ୍ରିଟ ଲାଇଟ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଗତ ୧୫ତାରିଖ ଠାରୁ କୋଣାର୍କ ବିଦ୍ୟୁତ୍ ଗ୍ରିଡକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ କୋଣାର୍କ ଏନଏସିର ଷ୍ଟ୍ରିଟ ଲାଇଟ ମରାମତି କାର୍ଯ୍ୟ ମନ୍ଥର ଗତିରେ ଚାଲୁ ରହିଥିବାରୁ ଅଧିକାଂଶ ସମ୍ବେଦନଶୀଳ ସ୍ଥାନ ଏବେ ବି ଅନ୍ଧକାରାଚ୍ଛନ୍ନ ଅବସ୍ଥାରେ ରହିଛି।



ପୁରୀ ପୁରୁଣା ଜେଲ ନିକଟରେ ଗଦା ହୋଇଥିବା ଅଳିଆରେ ବୁଧବାର ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଛି।



ବାତ୍ୟାରେ କ୍ଷତିଗ୍ରସ୍ତ ଶ୍ରୀମନ୍ଦିରର ମରାମତି ପାଇଁ ଭୁବନେଶ୍ୱର ସିଟି ପବ୍ଲିକ ସ୍କୁଲ ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

# ଟିଭିରୁ ଜାଣିହେବନି ନିର୍ବାଚନ ଫଳାଫଳ

ପୁରୀ ଅଫିସ, ୨୨।୫

## ଫନୀ ଦେଇଛି ଦୁଃଖ

- ଲୋକେ ନିରାଶ
- ନାହିଁ ବିଦ୍ୟୁତ୍, କଟିଛି କେବୁଲ୍

୨୩ ସକାଳୁ ଆରମ୍ଭ ହେବ ଭୋଟ ଗଣତି। ନିର୍ବାଚନ ଫଳାଫଳ କ'ଣ ହେବ, କାହା ସପକ୍ଷରେ ଯିବ ମତଦାନ ତାହାକୁ ସମସ୍ତେ ଚାହିଁ ରହିଛନ୍ତି। ବିଭିନ୍ନ ସ୍ଥାନରେ ଏବେ ନିର୍ବାଚନ ଫଳାଫଳକୁ ନେଇ ଚର୍ଚ୍ଚା ଆଲୋଚନା ଚାଲିଛି। ତେବେ ଫଳାଫଳ ଜାଣିବା ପାଇଁ ଜନସାଧାରଣ ମୁଖ୍ୟତଃ ଟିଭି ଉପରେ ନିର୍ଭର କରିଥାନ୍ତି। ଟିଭିରେ ବିଭିନ୍ନ ରାଉଣ୍ଡର ଫଳାଫଳ ଆସିଥାଏ। କିଏ କେଉଁ ରାଉଣ୍ଡରେ ଆଗେଇଛନ୍ତି ଏବଂ କିଏ ପଛରେ ପଡିଯାଇଛନ୍ତି ତାହା ଜଣାପଡିଥାଏ। ହେଲେ ଏଥର ପୁରୀ ଜିଲାବାସୀ ଏଥିରୁ ବଞ୍ଚିତ ହେବେ। ଟିଭିରୁ ଗଣତିର ଫଳାଫଳ ଜାଣିପାରିବେ ନାହିଁ। ଏହାକୁ ନେଇ ଲୋକେ ନିରାଶ ହୋଇପଡିଛନ୍ତି। ଫନୀ ଏମିତି ଦୁଃଖ ଦେଇଛି ବୋଲି କୁହାଯାଉଛି। ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷତି ଘଟିଛି। ବହୁ ସଂଖ୍ୟାରେ ଘର, ଗଛ ଭାଙ୍ଗି ପଡିଥିବା ବେଳେ ବ୍ୟାପକ ମାତ୍ରାରେ ବିଦ୍ୟୁତ୍ ଖୁଣ୍ଟ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ଲାଗି ଯୁଦ୍ଧକାଳୀନଭିତ୍ତିରେ ପୁନରୁଦ୍ଧାର କାମ ଚାଲିଥିଲେ ମଧ ଏ ପର୍ଯ୍ୟନ୍ତ ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହୋଇପାରି ନାହିଁ। ପୁରୀ ସହରରେ ମଧ ଅର୍ଦ୍ଧାଧିକ ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ଅଛନ୍ତି। ଯେଉଁ କେତେଜଣଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ବି ସେମାନଙ୍କ ଘରେ ଏ ପର୍ଯ୍ୟନ୍ତ ଟିଭି ଚାଲୁନାହିଁ। କାରଣ ବିଭିନ୍ନ କମ୍ପାନୀର କେବୁଲ ନେଟୱର୍କ ଏବେ ସୁଦ୍ଧା କାର୍ଯ୍ୟକ୍ଷମ କରିନାହିଁ। ହାତଗଣତି କେତେଜଣ ଡିଟୁଏଚ୍ ଉପଭୋକ୍ତାଙ୍କ ଘରେ ଟିଭି ଚାଲୁଥିବା ଜଣାପଡିଛି। ମୋଟାମୋଟି ଜିଲାର ସିଂହଭାଗ ଲୋକେ ଟେଲିଭିଜନ ଦେଖିପାରୁ ନାହାନ୍ତି। ତେଣୁ ଟିଭିରୁ ନିର୍ବାଚନ ଫଳାଫଳ ଜାଣି ନ ପାରିବା ନେଇ ଅନେକ ନିରାଶ ହୋଇପଡିଛନ୍ତି। ହାତରେ ମୋବାଇଲ ଥିଲେ ବି ଟେଲିଫୋନ ସେବା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହୋଇପାରି ନାହିଁ। ସେହିପରି ମୋବାଇଲ ଚାର୍ଜ କରିବା ମଧ ଅନେକଙ୍କ ପାଇଁ ବଡ଼ ସମସ୍ୟା ହୋଇଛି।

ଏ ସମ୍ପର୍କରେ ପୁରୀର ପ୍ରତାପ ଶତପଥୀ କହିଛନ୍ତି, ୩ ତାରିଖରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏ ପର୍ଯ୍ୟନ୍ତ ଆମ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ସେହିପରି କେବୁଲ ନେଟୱର୍କ ମଧ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରି ନାହିଁ। ୨୦ ତାରିଖ ସୁଦ୍ଧା ପୁରୀ ସହରକୁ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ୍ ଯୋଗାଣ ହେବ ବୋଲି ସରକାର କହିଥିଲେ। ଆଶା ଥିଲା ଟିଭିରେ ନିର୍ବାଚନ ଫଳାଫଳ ଦେଖିବି। କିନ୍ତୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବେଳେ କେବୁଲ ତାର ବି ଲାଗିପାରି ନାହିଁ। ଭୋଟ ଫଳାଫଳ ଦେଖିବା ଲାଗି ମନରେ ଉତ୍କଣ୍ଠା ଥିଲେ ମଧ ନିରାଶ ହେବାକୁ ପଡିବ। କେବଳ ପ୍ରତାପ ନୁହନ୍ତି ପୁରୀ ସହରର ପ୍ରାୟ ସବୁ ଲୋକଙ୍କ ମୁହଁରୁ ଏହା ଶୁଣିବାକୁ ମିଳୁଛି।